## ହଷ୍ଟେଲରୁ ଚୋରି: ୪ ଯୁବକ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ହଷ୍ଟେଲ୍‌ରୁ ଚୋରି ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ବୁଧବାର ୪ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ସାଲିଆ ସାହି ଶକ୍ତି ବିହାରରେ ରହୁଥିବା କେନ୍ଦୁଝରର ତପନ ନାୟକ, ସାଲିଆ ସାହି ଏକାମ୍ର ବିହାରରେ ରହୁଥିବା ବୋଲଗଡର ମାନସ ରଞ୍ଜନ ବେହେରା, ଜଙ୍କିଆର କେଶବ ଜେନା ଏବଂ ବାଜପୁରର ଦିଲୀପ ନାୟକ। ଏମାନଙ୍କଠାରୁ ୨ଟି ଷ୍ଟିଲ୍ ଚେୟାର, ୨ଟି ଆଇରନ୍ ବେଡ୍ ଫ୍ରେମ୍, ୨ଟି ଏଲ୍‌ଇଡି ଟିଭି, ୨ଟି ସିଲିଂ ଫ୍ୟାନ୍, ମାର୍ବଲ କଟିଂ ମେଶିନ୍, ଇନଭର୍ଟର ଆଦି ଜବତ କରାଯାଇଛି।

## ସଂକ୍ଷେପରେ

### ପୋଲିସକୁ ମାଡ଼ ଘଟଣା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୩।୬(ବ୍ୟୁରୋ): ବଡ଼ଗଡ଼ ଥାନା ପୋଲିସକୁ ମାଡ଼ ମାରିବା ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରାଯାଇଛି। ସେ ହେଲେ ଗୋପାଳୁଣୀ ନଗରର ସତ୍ୟବ୍ରତ ମହାପାତ୍ର। ସୂଚନା ଅନୁଯାୟୀ, ମେ ୨୫ ତାରିଖ ରାତିରେ ବଡଗଡ ଛକରେ କେତେଜଣ ଯୁବକ ଗଣ୍ଡଗୋଳ କରୁଥିଲେ। ପୋଲିସ ଖବର ପାଇ ପିସିଆର ଭ୍ୟାନ ସହ ଘଟଣାସ୍ଥଳକୁ ଯାଇଥିଲା। ତେବେ ସେତେବେଳକୁ ସମ୍ପୃକ୍ତ ଯୁବକମାନେ ଫେରାର ହୋଇଯାଇଥିଲେ। ସେଠାରେ ପଡ଼ିରହିଥିବା ୨ଟି ସ୍କୁଟି ଜବତ କରି ଆଣିବାବେଳକୁ ପୋଲିସକୁ ସମ୍ପୃକ୍ତ ଯୁବକମାନେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ପରେ ରାତିରେ ସତ୍ୟବ୍ରତ ଥାନା ପାଚେରି ଡେଇଁ ଜବତ ହୋଇଥିବା ଏକ ସ୍କୁଟି ନେଇଯିବା ପାଇଁ ଉଦ୍ୟମ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ. ୧୯୪/୨୧) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ନନ୍ଦନକାନନରେ ବଢ଼ିପାରେ ମାର୍ମୋସେଟ ମାଙ୍କଡ଼ ବଂଶ

ବାରଙ୍ଗ,୨୩।୬(ଡି.ଏନ୍.ଏ.)- ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମାର୍ମୋସେଟ ମାଙ୍କଡ ସଂଖ୍ୟା ବଢ଼ିପାରେ। ୫୪ ନମ୍ବର ଏନକ୍ଲୋଜରରେ ରହୁଥିବା ଏହି ମାଈ ମାର୍ମୋସେଟ ମାଙ୍କଡ ଏବେ ପୁଣି ଗର୍ଭବତୀ ରହିଛି। ଜନ୍ମ ଦେବାକୁ ଯାଉଛି ତା'ର ଦ୍ୱିତୀୟ ଗର୍ଭସ୍ଥ ଛୁଆ। ଏ ନେଇ କର୍ତ୍ତୃପକ୍ଷ ସଜାଗ ହୋଇ ପଡିଥିବାବେଳେ ସେପଟେ ନୂଆ ସଦସ୍ୟର ଆଗମନକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ପୁଣିଥରେ ଏହି ମାର୍ମୋସେଟ ମାଙ୍କଡ ମା' ହେବାକୁ ଯାଉଥିବା ଖବର କର୍ମଚାରୀଙ୍କ ମଧ୍ୟରେ ଖୁସି ଭରିଦେଇଛି। ପ୍ରସବ ସମୟ ପାଖେଇ ଆସୁଥିବାରୁ ମାଈ ମାର୍ମୋସେଟ ମାଙ୍କଡ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଚଳିତ ମାସ ଶେଷ ସପ୍ତାହରେ ନନ୍ଦନକାନନର ବନ୍ୟପ୍ରାଣୀ ଚିକିତ୍ସକ ଜନ୍ମ ତାରିଖ ଧାର୍ଯ୍ୟ କରିଛନ୍ତି ବୋଲି ଜଣାପଡିଛି।

### ଶ୍ମଶାନ ଜମିର ସୁରକ୍ଷା ପାଇଁ ଗ୍ରାମବାସୀ ଏକାଠି

ଭୁବନେଶ୍ୱର,୨୩।୬ : କଳିଙ୍ଗ ଷ୍ଟାଡିୟମ ପାର୍ଶ୍ୱରେ ଥିବା ନୂଆପଲ୍ଲୀ ଗାଁ ଶ୍ମଶାନ ଓ ଖେଳ ପଡ଼ିଆ ଜମିକୁ ନେଇ ଗତ ଶୁକ୍ରବାର ଉଭୟ ଗ୍ରାମବାସୀ ଓ କଳିଙ୍ଗ ଷ୍ଟାଡିୟମ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ପରେ ଗ୍ରାମବାସୀ ଏକଜୁଟ ହୋଇ ଉକ୍ତ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କମିଶନରେଟ ପୋଲିସ ଏବଂ ରାଜ୍ୟ କ୍ରୀଡ଼ା ବିଭାଗକୁ ଏହାର ସମାଧାନ ପାଇଁ ଦାବିପତ୍ର ଦେଇଥିଲେ। ଉକ୍ତ ବିବାଦର ସମାଧାନ ପାଇଁ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, କମିଶନରେଟ ପୋଲିସର ଅତିରିକ୍ତ ଡିସିପି ପି.କେ ରାଉତଙ୍କ ସମେତ ୩ ସାହିର ପ୍ରମୁଖ ବ୍ୟକ୍ତି, ସାହି କମିଟି ଓ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏଥିରେ ଗ୍ରାମବାସୀ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିଥିଲେ। ଗ୍ରାମବାସୀଙ୍କ ମତାମତକୁ ଶୁଣିବାପରେ ଏନେଇ ଷ୍ଟାଡିୟମ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ଘଟଣାର ସମାଧାନ ନ ହେବା ପର୍ଯ୍ୟନ୍ତ ସେଠାରେ କୌଣସି କାର୍ଯ୍ୟ ଆଗେଇବ ନାହିଁ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

### ଦୂରସଞ୍ଚାର ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ଖାଦ୍ୟ ବଣ୍ଟନ

ଭୁବନେଶ୍ୱର,୨୩।୬ : ଦୂରସଞ୍ଚାର ମହିଳା କଲ୍ୟାଣ ସଂଗଠନ ଓ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍)ର ଓଡ଼ିଶା, ଦୂରସଞ୍ଚାର ପରିମଣ୍ଡଳ ଭୁବନେଶ୍ୱର ଆନୁକୂଲ୍ୟରେ ଗତ ୧୧ତାରିଖରୁ ଆରମ୍ଭ ହୋଇଥିବା କୋଭିଡ୍ ପ୍ରଭାବିତ ଗରିବ ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ ବଣ୍ଟନ କାର୍ଯ୍ୟ ମଙ୍ଗଳବାର ଶେଷ ହୋଇଛି। ସଂଗଠନ ଭୁବନେଶ୍ୱର ମଣ୍ଡଳର ସଭାପତି ଡ.ମନସ୍ୱିନୀ ପଣ୍ଡା ଏବଂ ବିଏସ୍‌ଏନ୍‌ଏଲ୍‌ର ଓଡ଼ିଶା ଦୂରସଞ୍ଚାର ପରିମଣ୍ଡଳ ଭୁବନେଶ୍ୱର ମୁଖ୍ୟ ମହାପ୍ରବନ୍ଧକ ଡ. ଉଦୟ ଶଙ୍କର ପଣ୍ଡାଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱରର ବିଭିନ୍ନ ବସ୍ତି ତଥା ଅନୁନ୍ନତ ଅଞ୍ଚଳରେ ଗରିବ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୂରସଞ୍ଚାର ମହିଳା କଲ୍ୟାଣ ସଂଗଠନର ସମ୍ପାଦିକା ହରିପ୍ରିୟା ପଟେଲ, ମୀରା ମହାପାତ୍ର, ଜୟନ୍ତୀ ପଣ୍ଡା, ଗାୟତ୍ରୀ ମଲ୍ଲିକ, କାଞ୍ଚନବାଳା ସାହୁ, ମମତା ବେହେରା, ବିଦ୍ୟୁଲତା ପଣ୍ଡା, ପଦ୍ମିନୀ ସାହୁ, ସରସ୍ୱତୀ ପୃଷ୍ଟି, ସ୍ୱାତୀ ପ୍ରଧାନ ପ୍ରମୁଖ ସଦସ୍ୟା ସହ ଓଡ଼ିଶା ଦୂରସଞ୍ଚାର ପରିମଣ୍ଡଳ ଭୁବନେଶ୍ୱରର ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ମହାପାତ୍ର, ଦେବେନ୍ଦ୍ର ଚନ୍ଦ୍ର ପ୍ରଧାନ, ପ୍ରଦୀପ୍ତ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

## ବର୍ଷାରେ ବେହାଲ ରାଜଧାନୀ





ଗତ ଦୁଇ ଦିନ ଧରି ମୌସୁମୀ ଜନିତ ଲଗାଣ ବର୍ଷା ଯୋଗୁ ଭୁବନେଶ୍ୱର ବମିଖାଲ-ରସୁଲଗଡ଼ ରାସ୍ତା ଏବଂ ସମ୍ ହସ୍ପିଟାଲ ନିକଟ ପଣ୍ଡାକୁଦିଆ ମୁଖ୍ୟ ରାସ୍ତା ଜଳାର୍ଣ୍ଣବ ହୋଇପଡ଼ିଛି।

# ଅତଡ଼ା ଖସୁଛି, ଲୋକେ ଛାନିଆ

ପୁରୁଣା ଭୁବନେଶ୍ୱର,୨୩।୬(ଡି.ଏନ୍.ଏ.)

ଏକାମ୍ର ଯୋଜନା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଏହି ମେଗା ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଲିଙ୍ଗରାଜ ନ୍ୟୁ ମାର୍କେଟ କମ୍ପ୍ଲେକ୍ସଠାରୁ ବିନ୍ଦୁସାଗର ଉତ୍ତର ଦ୍ୱାର ରାସ୍ତାକୁ ସଂଯୋଗ କରୁଥିବା ନୂଆ ରାସ୍ତା କାର୍ଯ୍ୟ ଏଯାବତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଡ୍ରୋଜର ଦ୍ୱାରା ଏହି ରାସ୍ତା ପ୍ରାୟ ୨୫ଫୁଟ ଖୋଳାଯାଇଛି। ସମ୍ପ୍ରତି ଲଗାଣ ବର୍ଷା ଯୋଗୁ ଉଭୟ ପଟୁ ମାଟି ଅତଡ଼ା ଖସୁଛି। ଏଭଳି ବର୍ଷାରେ ଆଗକୁ ମଧ୍ୟ ଅତଡ଼ା ଖସିବାର ଆଶଙ୍କା ରହିଛି। ଫଳରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଏନେଇ କଂଗ୍ରେସ ନେତ୍ରୀ ରଶ୍ମି ମହାପାତ୍ର କହିଛନ୍ତି, ପ୍ରକଳ୍ପ ବିଳମ୍ବ ଯୋଗୁ ଏଭଳି ସମସ୍ୟା ଦେଖାଦେଇଛି। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ସରକାର ପଦକ୍ଷେପ ନେବା ଉଚିତ। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ପ୍ରବଳ ବର୍ଷା ଯୋଗୁ ଲିଙ୍ଗରାଜ ବାଇପାସ୍ ରାସ୍ତା ନିକଟରେ ଅତଡ଼ା ଖସିଛି।

### ରାସ୍ତାରେ ଆଣ୍ଠୁଏ ପାଣି, ଯାତାୟାତ ବ୍ୟାହତ

ବାଲିଅନ୍ତା,୨୩।୬(ଡି.ଏନ୍.ଏ.) ମୌସୁମୀ ପ୍ରଭାବରେ ଲାଗିରହିଥିବା ଲଗାଣ ବର୍ଷାରେ ବାଲିଅନ୍ତା ଅଞ୍ଚଳର ବହୁ ରାସ୍ତା ବେହାଲ ହୋଇପଡ଼ିଛି। ବିଶେଷ କରି ବାଲିଅନ୍ତା ପୁରୀ ମୁଖ୍ୟ କେନାଲରୁ ଜଗନ୍ନାଥପୁର ଭାୟା ଅଟଳାକୁ ସଂଯୋଗ କରୁଥିବା ଆର୍‌ଡି ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। ବର୍ଷାପାଣି ନିଷ୍କାସିତ ନ ହୋଇ ରାସ୍ତା ଉପରେ ଜମି ରହିବା ଯୋଗୁ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ଆପାର୍ଟମେଣ୍ଟ ନିର୍ମାଣ ହୋଇଛି। ପାଣି ନିଷ୍କାସନ ପାଇଁ ଡ୍ରେନର ସୁବିଧା ନ ଥିବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଉଛି। ପୂର୍ବରୁ ବର୍ଷାଜଳ ବିଲ ଦେଇ ସୋଠରେ ପଡୁଥିଲା। ବର୍ତ୍ତମାନ ସବୁ ଚାଷ ଜମିରେ ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ ହୋଇଛି। ପାଣି ନିଷ୍କାସନ ପାଇଁ ପୂର୍ବରୁ ଥିବା ସୋଠର ଚିହ୍ନ ବର୍ତ୍ତି ନାହିଁ। ସୋଠ ଜବରଦଖଲ କରିବା ଯୋଗୁ ପାଣି ନିଷ୍କାସିତ ନ ହୋଇ ରାସ୍ତାରେ ଲହଡ଼ି ଭାଙ୍ଗୁଛି। ଏହି ଅଞ୍ଚଳରେ ଏକ ବିରାଟ ଜନବସତି ହୋଇଥିଲେ ମଧ୍ୟ ବର୍ଷାପାଣି ନିଷ୍କାସନ ପାଇଁ ବ୍ୟବସ୍ଥା ନାହିଁ। ଏହି ଅଞ୍ଚଳଟି ପଞ୍ଚାୟତ ଏରିଆରେ ଅନ୍ତର୍ଗତ ଓ ରାସ୍ତାଟି ଆର୍‌ଡି ବିଭାଗ ଅଧୀନରେ ରହିଛି। ଏଥିପ୍ରତି ପ୍ରଶାସନିକ ଅଧିକାରୀମାନେ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଗର୍ଭିଣୀ ଗାଈ ଦେହରେ ଢାଳିଲେ ଗରମ ତେଲ

**ନିର୍ଦ୍ଦୟତାର ସୀମା ଟପିଲେ**

ଭୁବନେଶ୍ୱର,୨୩।୬(ବ୍ୟୁରୋ)

ଅନେକ ସମୟରେ ମଣିଷ ନିର୍ଦ୍ଦୟତାର ସୀମା ଉଲ୍ଲଂଘନ କରିବା ସହ ଅଧିକ ବର୍ବର ହୋଇପଡୁଛି। କଥା କହିପାରୁ ନ ଥିବା ନିରୀହ ପଶୁଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛି। ପୂର୍ବରୁ ରାଜଧାନୀରେ ବିଭିନ୍ନ ପଶୁଙ୍କ ଉପରେ ଅତ୍ୟାଚାର କରାଯିବାର ନଜିର ଥିବା ବେଳେ ବୁଧବାର ଦୁଇଟି ଗୋରୁଙ୍କ ଉପରେ ଗରମ ତେଲ ପକାଇବା ଘଟଣା ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଗୋରୁ ଦୁଇଟିଙ୍କ ମଧ୍ୟରୁ ଗୋଟିଏ ଷଣ୍ଢ ହୋଇଥିବାବେଳେ ଅନ୍ୟଟି ଗର୍ଭିଣୀ ଗାଈ। ଉକ୍ତ ଗୋରୁ ଦୁଇଟିଙ୍କ ଶରୀରର ଶତକଡ଼ା ୫୦ ପ୍ରତିଶତ ପୋଡ଼ିଯାଇଛି। ହିନ୍ଦୁ ଜାଗରଣ ମଞ୍ଚର କର୍ମକର୍ତ୍ତା ଗୋରୁଙ୍କୁ ଉଦ୍ଧାର କରି ଚିକିତ୍ସା କରାଉଛନ୍ତି। ଏନେଇ ସଙ୍ଗଠନ ପକ୍ଷରୁ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଏକ ମାମଲା (ନଂ-୨୯୪/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ନୀଳାଦ୍ରି ବିହାର ଅଞ୍ଚଳରେ ଗୋଟିଏ ବୁଲା ଷଣ୍ଢ ଓ ଗୋଟିଏ ଗାଈ ଉପରେ କୌଣସି ଦୁର୍ବୃତ୍ତ ଗରମ ତେଲ ପକାଇ ଦେଇଥିଲେ। ଗୋରୁ ଦୁଇଟି ଯନ୍ତ୍ରଣାରେ ଛଟପଟ ହେଉଥିବା ହିନ୍ଦୁ ଜାଗରଣ ମଞ୍ଚର କର୍ମକର୍ତ୍ତା ଖବର ପାଇଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚି ଗୋରୁ ଦୁଇଟିଙ୍କୁ ଉଦ୍ଧାର କରିଥିଲେ। ପଟିଆର ଏକ ଗୋଶାଳାରେ ଗୋରୁଙ୍କୁ ରଖାଯାଇ ଚିକିତ୍ସା କରାଯାଉଥିବା ସୂଚନା ମିଳିଛି।

## ନେପାଳୀ ନାଗରିକଙ୍କୁ ଟିକାକରଣ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩।୬ (ବ୍ୟୁରୋ)

ଓଡ଼ିଶାରେ ରହି କାର୍ଯ୍ୟ କରୁଥିବା ନେପାଳୀ ନାଗରିକଙ୍କୁ ଟିକାକରଣ କରାଯିବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ବୁଧବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟରେ ଶ୍ରମିକ ବା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ନେପାଳୀ ନାଗରିକଙ୍କୁ ଟିକା ଦେବା ବ୍ୟବସ୍ଥା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେହେତୁ କୋୱିନ ପୋର୍ଟାଲରେ ପଞ୍ଜୀକରଣ ନିମନ୍ତେ ସେମାନଙ୍କ ପାଖରେ କୌଣସି ପରିଚୟପତ୍ର ନ ଥାଇପାରେ, ତେଣୁ ବିନା ପରିଚୟପତ୍ରରେ ସେମାନଙ୍କୁ ଟିକା ଦେବା ନେଇ କେନ୍ଦ୍ର ସରକାର ଯେଉଁ ଏସ୍‌ଓପି ଜାରି କରିଛନ୍ତି, ସେହି ଆଧାରରେ ଟିକାକରଣ କରିବା ଲାଗି ଅତିରିକ୍ତ ମୁଖ୍ୟ ଶାସନ ସଚିବ ମହାପାତ୍ର କହିଛନ୍ତି।



ଭୁବନେଶ୍ୱର ୟୁନିଟ୍-୧ ମାର୍କେଟ କର୍ଦ୍ଦମାକ୍ତ ହେବା ସହ ଆବର୍ଜନା ପଡ଼ି ରହିଛି।

## ୮ ଦିନରେ ୬୩୦ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

**'ଜୀବନବିନ୍ଦୁ' ଉଦ୍‌ଯାପିତ**

ଓଡ଼ିଶା ମୋ ପରିବାର ଜୀବନବିନ୍ଦୁ ଆନୁକୂଲ୍ୟରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଆୟୋଜିତ ୮ ଦିନିଆ ରକ୍ତଦାନ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ ଏହି ଉଦ୍‌ଯାପନୀ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟଙ୍କ ତତ୍ତ୍ୱାବଧାନରେ ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକ ଏବଂ ରାଜ୍ୟ ଉପସଭାପତି ସୁନୀଲ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଅଷ୍ଟମ ଦିବସ ରକ୍ତଦାନ ଶିବିରରେ ୧୦୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଯାଇଛି। ୮ ଦିନରେ ମୋଟ ୬୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଏହି ଶିବିରରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଓଡ଼ିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ବିଧାୟକ ସୁଶାନ୍ତ ରାଉତ, ଜିଲା ସଭାପତି ବିନୟ ଟପ୍ପୋ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ ପ୍ରମୁଖ ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ଦାସ ଏବଂ ସମସ୍ତ ଅତିଥିଗଣ ୮ ଦିନ ଧରି ରକ୍ତଦାନ ଶିବିର ଆୟୋଜନ କରିଥିବା ଯୁବ ବିଜେଡିର ସମସ୍ତ ରାଜ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଯୁବ ଜନତା ଦଳର ରାଜ୍ୟ ମହାସଚିବ ଏଲିନା ଦାସ, ରାଜ୍ୟ ବରିଷ୍ଠ ଉପସଭାପତି ଧୃତିରଞ୍ଜନ ମାର୍ଥା,ଜ୍ୟୋତ୍ସ୍ନାମୟୀ ପରିଡ଼ା, ଉପସଭାପତି ସୋଫିଆ ଆଲାମ, ରାଜ୍ୟ ସାଧାରଣ ସମ୍ପାଦକ, ଆଶିଷ ରଞ୍ଜନ ମିଶ୍ର, ତାରିଣୀ ପ୍ରସାଦ ନାୟକ, ସମ୍ପାଦକ ଶୁଭ୍ରଜିତ ପାଢୀ, ଲଗ୍ନାଦୀପ ମିଶ୍ର, ଅପର୍ଣ୍ଣା ଦାସ, ଦୀପକ ସାହୁ, ଶିବାନୀ ସାହୁ, ଦୀପକ ମହାପାତ୍ର, ଅମରଜିତ ଗୌଡ଼, ସୌମ୍ୟରଞ୍ଜନ ତ୍ରିପାଠୀ, ରାଜ୍ୟ ଛାତ୍ର ବରିଷ୍ଠ ଉପସଭାପତି ସ୍ୱାଗତିକା ମହାନ୍ତି, ମୁକେଶ ପୁରୋହିତ, ସୁବ୍ରତ ନାୟକ, ଜ୍ୟୋତିରଞ୍ଜନ ନାୟକ, ତାପସ ପଣ୍ଡା, ରୋଶନ ସାହୁ, ରଞ୍ଜନ ସିଂ ପ୍ରମୁଖ ଯୋଗ ଦେଇଥିଲେ ବୋଲି ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଆଶିଷ ରଞ୍ଜନ ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ପ୍ରେମ ମାନିଲାନି ପାରିବାରିକ ବିରୋଧ

ଭୁବନେଶ୍ୱର,୨୩।୬(ବ୍ୟୁରୋ)

**ଥାନାରେ ହେଲା ପ୍ରେମୀ ଯୁଗଳଙ୍କ ବାହାଘର**

କଥାରେ ଅଛି, ପ୍ରେମ ପାଖରେ ଧନ ସମ୍ପତ୍ତି ତୁଚ୍ଛ ହୋଇଥିବାବେଳେ ବାଧାବିଘ୍ନ ବି ହାର୍ ମାନିଯାଏ। ବୁଧବାର ରାଜଧାନୀରେ ଘଟିଥିବା ଏକ ଘଟଣାରୁ ଏହା ପୁଣିଥରେ ପ୍ରମାଣିତ ହୋଇଛି। ଘରୁ ଲୁଚି ପଳାଇଆସିଥିବା ପ୍ରେମୀଯୁଗଳ ପରିବାରର ବିରୋଧ ସତ୍ତ୍ୱେ ଶେଷରେ ଶହୀଦନଗର ଥାନାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଆଇନ ଅନୁଯାୟୀ ଉଭୟଙ୍କ ସହମତି କ୍ରମେ ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ ଏହି ବାହାଘର କରାଇଛନ୍ତି।

ସୂଚନା ଅନୁଯାୟୀ, ଜଟଣୀ ଥାନା ଅଧୀନ କାଇମାଟିଆ ଜଗସରା ଅଞ୍ଚଳର ସୁରେନ୍ଦ୍ର ନାୟକ (୨୧) ଓ ବାଲିଅନ୍ତା ଭୁବନପୁରର ଶତରୂପା ଜେନା(୧୯)ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଦୀର୍ଘ ୪ବର୍ଷର ସମ୍ପର୍କ ଓ ଅନେକ ବାଧାବିଘ୍ନ ପରେ ଉଭୟ ପରସ୍ପରର ଜୀବନସାଥୀ ହେବାକୁ ନିଷ୍ପତ୍ତି ନେଇଥିଲେ। ସୁରେନ୍ଦ୍ରଙ୍କୁ ବାହା ହେବାକୁ ଚାହୁଁଥିବା କଥା ଶତରୂପା ନିଜ ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ସୁରେନ୍ଦ୍ର ମଧ୍ୟବିତ୍ତ ପରିବାରର ହୋଇଥିବାରୁ ଏହି ବିବାହ ପ୍ରସ୍ତାବରେ ଶତରୂପାଙ୍କ ଘରଲୋକେ ରାଜି ହୋଇ



ସୁରେନ୍ଦ୍ର ଓ ଶତରୂପା।

ନ ଥିଲେ। ଏଥିସହ ସୁରେନ୍ଦ୍ରଙ୍କ ସହ ମିଳାମିଶାକୁ ମଧ୍ୟ ବିରୋଧ କରିଥିଲେ। ଫଳରେ ଏହି ପ୍ରେମୀଯୁଗଳ ଘରୁ ଲୁଚି ପଳାଇବାକୁ ନିଷ୍ପତ୍ତି ନେଇଥିଲେ। ସୋମବାର ଦୁହେଁ ଘରୁ ଲୁଚି ଖୋର୍ଦ୍ଧା ପଳାଇଥିଲେ। ସେଠାରେ ବିବାହ ପାଇଁ ମନ୍ଦିର ଖୋଜିଥିଲେ। ତେବେ ଲକ୍‌ଡ଼ାଉନ୍ ଯୋଗୁ ମନ୍ଦିର ସବୁ ବନ୍ଦ ଥିଲା। ଫଳରେ ସେମାନେ ଖଣ୍ଡଗିରିସ୍ଥିତ 'ଆମ୍‌ଫୋଇ' କାର୍ଯ୍ୟାଳୟକୁ ଆସିଥିଲେ। ତେବେ ଏହି ସମୟ ମଧ୍ୟରେ ଶତରୂପା ନିଖୋଜ ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଶହୀଦନଗର ଥାନା ପୋଲିସ ଶତରୂପାଙ୍କ ଫୋନ୍ ଟ୍ରାକିଂ କରି ସେଠାରେ ପହଞ୍ଚିଥିଲା। ଉଭୟଙ୍କୁ ଧରି ଥାନାକୁ ଆଣିଥିଲା। ଉଭୟେ ପରସ୍ପରକୁ ଭଲ ପାଉଥିବା ଓ ସ୍ୱଇଚ୍ଛାରେ ବିବାହ କରିବାକୁ ଚାହୁଁଥିବା କହିଥିଲେ। ଆଇନତଃ ଦୁହେଁ ବିବାହ କରିପାରିବେ ବୋଲି ପୋଲିସ ଜାଣିବା ପରେ ନୋଟାରୀ ଡାକି ବାହାଘର କରାଇ ସେମାନଙ୍କ ପରିବାର ଲୋକଙ୍କ ଜିମା ଦେଇଥିଲା।

# ସଚେତନ ସହ ବ୍ୟବସ୍ଥା ଜରୁରୀ

ଭୁବନେଶ୍ୱର, ୨୩।୬(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସକୁ ଦୃଷ୍ଟିରେ ରଖି ସରକାର ଜୀବନ ଜୀବିକାକୁ ଗୁରୁତ୍ୱ ଦେବା ସହ ଲକ୍‌ଡାଉନରେ ସାମାନ୍ୟ କୋହଳ କରିଛନ୍ତି। ତେବେ ଟ୍ୱିନସିଟି କଟକ ଓ ଭୁବନେଶ୍ୱରରେ ଟ୍ରାଫିକ ପୋଲିସର ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁ ଟ୍ରାଫିକ ପୋଷ୍ଟରେ ସମସ୍ୟା ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଉଛି। ଜରୁରୀ କାର୍ଯ୍ୟରେ ବାହାରକୁ ବାହାରୁଥିବା ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏପରିକି ଟ୍ରାଫିକ ପୋଷ୍ଟ ନିକଟରେ ଆମ୍ବୁଲାନ୍ସ ଫସି ରହୁଥିବା ଦେଖିବାକୁ ମିଳୁଛି।

**ଟ୍ୱିନ୍ ସିଟିରେ ଲକ୍‌ଡାଉନ୍ ଭିଡ଼**



### ଭିଡ଼ରେ ଫସିଗଲା ଆମ୍ବୁଲାନ୍ସ

ବୁଧବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ବେଳେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ପୋଲିସ ଯାଞ୍ଚ କରୁଥିଲା। ଏଥିଯୋଗୁ ମାଷ୍ଟର କ୍ୟାଣ୍ଟିନ ଛକରୁ ଖାରବେଳନଗର ଥାନା ପର୍ଯ୍ୟନ୍ତ ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଗାଡ଼ିଗୁଡ଼ିକ ଅଟକି ରହିବାରୁ ଭିଡ଼ ହୋଇଥିଲା। ଭିଡ଼ ଭିତରେ ଏକ ଆମ୍ବୁଲାନ୍ସ କିଛି ସମୟ ପାଇଁ ଫସି ରହିଥିଲା। ସ୍ଥିତି ସ୍ୱାଭାବିକ ନ ହେବାରୁ ଆମ୍ବୁଲାନ୍ସଟି ଅନ୍ୟ ରାସ୍ତାରେ ବାହାରି ଥିବା ଦେଖିବାକୁ ମିଳିଥିଲା। ଗାଡ଼ି ମୋଟର ଅଟକି ରହି ରାସ୍ତା ଜାମ ହୋଇଯିବାରୁ ପୋଲିସ ବାଧ୍ୟ ହୋଇ ମାଷ୍ଟର କ୍ୟାଣ୍ଟିନ ଛକରୁ ବ୍ୟାରିକେଡ୍ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ମେଡିକାଲ ଯିବାବେଳେ ଭିଡ଼ରେ ଅଟକି ରହିଥିବା ବଡଗଡ ଅଞ୍ଚଳର ସୁବ୍ରତ ମହାପାତ୍ର କହିଥିଲେ, ଯଦି ପୋଲିସ ଯାଞ୍ଚ ଯୋଗୁ ଭିଡ଼ ହେଉଛି, ତେବେ ଏହି ବ୍ୟାରିକେଡକୁ ହଟାଇ ଦିଆଯାଉ। ଯାହା ଫଳରେ ଆବଶ୍ୟକ ଲୋକେ ସୁରୁଖୁରୁରେ ଯାତାୟତ କରିପାରିବେ।

### ଜୀବନ ଜୀବିକା ସହ ସଚେତନ ହେବା ଜରୁରୀ

ଲକଡାଉନ ବଢିଲେ ଲୋକଙ୍କ ଜୀବନ ଜୀବିକା ଦିନକୁ ଦିନ ଶୋଚନୀୟ ହୋଇପଡ଼ିବ। ଉଠାଦୋକାନୀ ଓ ଦିନମଜୁରିଆ ଦୁଇମୁଠା ଖାଦ୍ୟ ଯୋଗାଡ କରିବାକୁ ଅସମର୍ଥ ହେବେ। ଅନ୍ୟପକ୍ଷରେ ଲକଡାଉନ କୋହଳ କରିବା ପରେ ରାଜଧାନୀରେ ସଂକ୍ରମଣ ବୃଦ୍ଧି ପାଉଛି। ପ୍ରତିଦିନ ହାଟବଜାରରେ ପ୍ରବଳ ଭିଡ଼ ହେଉଛି। ତେବେ ଜୀବନ ଜୀବିକା ଦୃଷ୍ଟିରୁ ଅନ୍‌ଲକ କରି ଲୋକଙ୍କୁ ସଚେତନ କରାଯାଉ। ଯେଉଁ ଦୋକାନୀ ନିୟମ ଉଲ୍ଲଂଘନ କରୁଛନ୍ତି ତାଙ୍କ ଦୋକାନ ସିଲ କରାଯାଉ। ବିକଶିତ ରାଷ୍ଟ୍ରଗୁଡିକ ପରି କରୋନା ଗାଇଡ ଲାଇନକୁ ଲୋକେ କଡାକଡି ପାଳନ କରିବା ଉଚିତ ବୋଲି ଆଇନଜୀବୀ ବିଜନ ବିହାରୀ କର କହିଛନ୍ତି।

### ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଉ

ମଙ୍ଗଳାବାଗ, ରାଣୀହାଟ, ଲିଙ୍କରୋଡ ଓ ବାଦାମବାଡି ସମେତ ଅନେକ ଅଞ୍ଚଳରେ ଅହେତୁକ ଭିଡ ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଲୋକେ କଟକଣା ମାନିବାକୁ ନାରାଜ। ଆମିଷ ମାର୍କେଟ, ଛତ୍ରବଜାର ହେଉ କି ମାଲଗୋଦାମ ସବୁଠି ମାଳମାଳ ବାଇକ ଓ ଗାଡ଼ି। ଲକଡାଉନ ଉଠିଯାଇଥିବା ଭଳିମନେ ହେଉଛି। ଏଥିପ୍ରତି ପୋଲିସ ଓ ପ୍ରଶାସନ ଚିନ୍ତା କରି ଆବଶ୍ୟକ ପଦକ୍ଷେପ ନେବା ବର୍ତ୍ତମାନ ପରିସ୍ଥିତିରେ ଅତ୍ୟନ୍ତ ଜରୁରୀ ବୋଲି କଟକରେ ରହୁଥିବା ଅବସରପ୍ରାପ୍ତ ବିଚାରପତି ସରୋଜିନୀ ମହାପାତ୍ର କହିଛନ୍ତି।

### ପ୍ରତ୍ୟେକ ନାଗରିକ ଦାୟିତ୍ୱବାନ ହୁଅନ୍ତୁ

"ଲକଡାଉନ ଜାରି ରହିଥିଲେ ମଧ୍ୟ ପ୍ରତିଦିନ ଟ୍ୱିନସିଟିରେ ୪୦ ହଜାର ଲୋକ ସେଲ୍ଫ ଡ୍ରାଇଭ କରି ଭ୍ୟାକ୍ସିନେଶନ ପାଇଁ ଆସୁଛନ୍ତି। ସରକାରୀ ଓ ଆଇଟି କାର୍ଯ୍ୟାଳୟଗୁଡିକରେ ୫୦ ପ୍ରତିଶତ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏଥିସହ ପ୍ରମୁଖ ହସ୍ପିଟାଲଗୁଡିକରେ ପ୍ରତିଦିନ ୧୫ ଶହରୁ ୨ ହଜାର ଲୋକ କାର୍ଯ୍ୟରେ ଯୋଗଦେବାକୁ ଯାଉଛନ୍ତି। ରାସ୍ତା କଡ ଠେଲା ଦୋକାନ ଓ ମୋବାଇଲ ଦୋକାନ ଖୋଲିବାକୁ ସରକାରଙ୍କ ପକ୍ଷରୁ ଅନୁମତି ଦିଆଯାଇଛି। ଯାହା ଫଳରେ ଟ୍ୱିନ ସିଟିରେ ଯାତାୟାତ ବଢ଼ିବା ସହ ଭିଡ଼ ହେଉଛି। ତେଣୁ ଅନେକ ସ୍ଥାନରେ ବ୍ୟାରିକେଡ୍ କରାଯାଇଛି। ଲୋକଙ୍କୁ ଯାଞ୍ଚ ସମୟରେ ୯୯ ପ୍ରତିଶତ ଲୋକ ଆବଶ୍ୟକ କାର୍ଯ୍ୟରେ ଯାଉଥିବା ଯାଞ୍ଚରୁ ସ୍ପଷ୍ଟ ହେଉଛି। କୋଭିଡ ଗାଇଡ୍‌ଲାଇନ ଉଲ୍ଲଂଘନକାରୀଙ୍କଠାରୁ ପୋଲିସ ଫାଇନ ଆଦାୟ କରୁଛି। ତେବେ ଅନେକ ଲୋକ ଲକଡାଉନକୁ ସମ୍ମାନ ଜଣାଇ ବର୍ତ୍ତମାନ ବି ଘରେ ରହୁଛନ୍ତି। ତେଣୁ ଟ୍ୱିନସିଟିର ପ୍ରତ୍ୟେକ ନାଗରିକ ନିଜକୁ ସଚେତନ କରି କୋଭିଡର ସମସ୍ତ ଗାଇଡଲାଇନ ପାଳନ କଲେ କୋଭିଡ୍ ବିପଦ ଟଳିଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି।

# ବର୍ଷାରେ ଉବୁଟୁବୁ ରୌପ୍ୟନଗରୀ


କଟକ ତୁଳସୀପୁର ଲେନ ରାସ୍ତାରେ ପାଣି ଭିତରେ ପଶି ଲୋକେ ଯାଆସ କରୁଛନ୍ତି।


କ୍ଷିଓ୍ୱାର୍ଟ ପାଟଣାର ଏକ ଗଳିରେ ଜମିରହିଥିବା ପାଣି।

**କଟକ ଅଫିସ,୨୩।୬**

- ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା
- ବାହାନା ଖୋଜୁଛି ସିଏମ୍‌ସି
- ମାଲ୍‌ଗୋଦାମରେ ୧କୋଟି ଟଙ୍କାର କ୍ଷତି

ଅଳ୍ପ ବର୍ଷାରେ ରୌପ୍ୟନଗରୀ କଟକର ସ୍ଥିତି ବେହାଲ ହୋଇପଡୁଛି। ବର୍ଷା ପୂର୍ବରୁ ସହରରେ ନାଳରୁ ପଙ୍କ ଉଦ୍ଧାର କାର୍ଯ୍ୟ ଶେଷ ହୋଇ ନ ଥିବାରୁ ସହରରେ ଜଳବନ୍ଦୀ ସ୍ଥିତି ଉପୁଜିଛି। ମଙ୍ଗଳବାର, ବୁଧବାର ବର୍ଷା କାରଣରୁ ସହରର ଅନେକ ଗଳିକନ୍ଦି ଓ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ଲହଡ଼ି ମାରୁଛି। ବାଦାମବାଡ଼ି-ଲିଙ୍କ୍‌ରୋଡ ରାସ୍ତା, ଶଙ୍କରପୁର, ଖାନ୍ ନଗର, ତୁଳସୀପୁର, ଓଡ଼ିଆ ବଜାର, ମେରିଆବଜାର, କାଜିବଜାର, ସୂତାହାଟ, କାଳିଗଳି, ବୁଢ଼ି ଠାକୁରାଣୀ, ଚୂନଭାଟି ଗଳି, ଦିୱାନ ବଜାର, ଚାଉଳିଆଗଞ୍ଜ, ମହାନଦୀ ବିହାର, ନୂଆବଜାର, ଯୋବ୍ରା, ମଙ୍ଗଳାବାଗ, ରାଉସାପାଟଣା, କେଶରପୁର, ବଣିଆସାହି, ପିଠାପୁର, ବଢ଼େଇ ସାହି, କାଠଗଡ଼ା ସାହି ଆଦି ରାସ୍ତା ଉପରେ ବର୍ଷାଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଏପରି କି କେତେକ ଲୋକଙ୍କ ଘରେ ପାଣି ପଶି ଆସବାବପତ୍ର ଭାସୁଥିବା ଦେଖିବାକୁ ମିଳିଛି। ସେହିଭଳି ବ୍ୟବସାୟିକ ପେଣ୍ଠସ୍ଥଳୀ ମାଲ୍‌ଗୋଦାମରେ ମଧ ବର୍ଷାପାଣି ଜମି ରହିବା କାରଣରୁ ବ୍ୟବସାୟ ଏକ ପ୍ରକାର ଠପ୍ ହୋଇଯାଇଛି।

କଟକ ମହାନଗର ନିଗମ(ସିଏମ୍‌ସି) ଦ୍ୱାରା ଡ୍ରେନ୍ ବ୍ୟବସ୍ଥାକୁ ଠିକ ଭାବରେ ପରିଚାଳିତ କରାଯାଉ ନ ଥିବା ଏବଂ ଅବହେଳାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି କଟକ ବଣିକ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ କହିଛନ୍ତି। ଏଥିସହ ଗୋପଦ ଅଭିଯାନରେ ମାଲଗୋଦାମ ଅଞ୍ଚଳରେ ଠିକ୍ ଡ୍ରେନେଜ ବ୍ୟବସ୍ଥା କରାଯିବା ଯୋଜନା ରହିଥିଲା। ହେଲେ ୨ବର୍ଷ ପରେ ମଧ କୌଣସି ପ୍ରକାର କାର୍ଯ୍ୟ କରାଯାଇ ନାହିଁ। ଫଳରେ ବର୍ଷା କାରଣରୁ ଗୋଦାମଗୁଡ଼ିକରେ ପାଣି ପଶି ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷ କ୍ଷତି ହୋଇଛି ବୋଲି ଛାଟୋଇ କହିଛନ୍ତି। ଅପରପକ୍ଷରେ ସିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ କହିଛନ୍ତି, ତାଳଦଣ୍ଡା କେନାଲ ରାସ୍ତା ସମ୍ପ୍ରସାରଣ ଲାଗି ଚାଲିଥିବା ଉଚ୍ଛେଦ କାର୍ଯ୍ୟ ପାଇଁ ମାଲଗୋଦାମରୁ ଆସିଥିବା ନାଳଗୁଡ଼ିକରେ ପଥର, ବାଲି ଆଦି ପଡ଼ି ଜାମ୍ ହୋଇଯାଇଛି। ତେବେ ଏନେଇ ଆମେ କନିଷ୍ଠ ଯନ୍ତ୍ରୀଙ୍କୁ ସୂଚନା ଦେଇଛୁ। ଗୁରୁବାର ଏଗୁଡ଼ିକୁ ସଫା କରାଯିବା ସହ ମାଲଗୋଦାମର ନାଳଗୁଡିକୁ ମୁଖ୍ୟ ଡ୍ରେନରେ ମିଶାଇବାକୁ ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି ସେ କହିଛନ୍ତି।

କଟକରେ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ଯେପରି ନ ରହିବେ ସେଥିପାଇଁ ପୂର୍ବରୁ ଅନେକଥର ସିଏମ୍‌ସି ପକ୍ଷରୁ ବୈଠକ ବସି ବିଭିନ୍ନ ଯୋଜନା କରାଯାଇଛି। ଏହାସତ୍ତ୍ୱେ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ସିଏମ୍‌ସି ଫେଲ୍ ମାରିଛି। ତେବେ ଚଳିତବର୍ଷ ବର୍ଷା ଆରମ୍ଭରୁ କଟକର ସ୍ଥିତି ଶୋଚନୀୟ ହୋଇପଡିଲାଣି। ଏପରି ଯଦି ଆଗକୁ ଲାଗି ରୁହେ ତେବେ ସ୍ଥିତି ଆହୁରି ସଙ୍ଗିନ ହୋଇପଡ଼ିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ନେପାଳୀ ନାଗରିକଙ୍କୁ ଟିକାକରଣ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୩।୬ (ବ୍ୟୁରୋ):** ଓଡ଼ିଶାରେ ରହି କାର୍ଯ୍ୟ କରୁଥିବା ନେପାଳୀ ନାଗରିକଙ୍କୁ ଟିକାକରଣ କରାଯିବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ବୁଧବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟରେ ଶ୍ରମିକ ବା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ନେପାଳୀ ନାଗରିକଙ୍କୁ ଟିକା ଦେବା ବ୍ୟବସ୍ଥା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେହେତୁ କୋୱିନ ପୋର୍ଟାଲରେ ପଞ୍ଜୀକରଣ ନିମନ୍ତେ ସେମାନଙ୍କ ପାଖରେ କୌଣସି ପରିଚୟପତ୍ର ନ ଥାଇପାରେ, ତେଣୁ ବିନା ପରିଚୟପତ୍ରରେ ସେମାନଙ୍କୁ ଟିକା ଦେବା ନେଇ କେନ୍ଦ୍ର ସରକାର ଯେଉଁ ଏସ୍‌ଓପି ଜାରି କରିଛନ୍ତି, ସେହି ଆଧାରରେ ଟିକାକରଣ କରିବା ଲାଗି ଅତିରିକ୍ତ ମୁଖ୍ୟ ଶାସନ ସଚିବ ମହାପାତ୍ର କହିଛନ୍ତି।

### ଜନସଚେତନତା ଆଲୋଚନାଚକ୍ର

**କଟକ ଅଫିସ, ୨୩।୬:** କୋଭିଡ୍ ସଂକ୍ରମଣ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ଓ ଆଚ୍ଛା ସଂଗଠନ ପକ୍ଷରୁ ବୁଧବାର ଅନ୍‌ଲାଇନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଟ୍ରଷ୍ଟର ସମ୍ପାଦକ ସୁରଜ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲା ତଥା ବିଭିନ୍ନ ଶାଖାର ସଦସ୍ୟ ଯୋଗ ଦେଇଥିଲେ। ଏଥିରେ କରୋନା ଦ୍ୱିତୀୟ ଲହର ସମୟରେ ରକ୍ତଦାନ, ବିଶୋଧନ କାର୍ଯ୍ୟକ୍ରମ, କରୋନା ସଚେତନତା, ବୃକ୍ଷରୋପଣ, ମାସ୍କ ଓ ସାନିଟାଇଜର ବଣ୍ଟନ ଆଦି ସମସ୍ତ ସେବାକୁ ତ୍ୱରାନ୍ୱିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଆଲୋଚନାଚକ୍ରରେ ଆଚ୍ଛା ସଂଗଠନର ଉପସଭାପତି ସୋନାଲି ପ୍ରିୟଦର୍ଶିନୀ, ସମ୍ପାଦକ ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

### ଟିକା ପରବର୍ତ୍ତୀ ଜ୍ୱର ପାଇଁ ଲୋକେ ହଇରାଣ

**କଟକସଦର,୨୩।୬(ଡି.ଏନ୍.ଏ.)-** କଟକସଦର ବ୍ଲକର ୩ଟି ସ୍ଥାନରେ ଟିକାକରଣ ବ୍ୟବସ୍ଥା ଚାଲିଛି। ଏବେ ୧୮ରୁ ୪୪ବର୍ଷ ପର୍ଯ୍ୟନ୍ତ ସାର୍ବଜନୀନ ଟିକା ଆରମ୍ଭ ହେବା ପରେ ବେଣ୍ଟକାର, କନ୍ଦରପୁର, କିଶୋରନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନେବା ପାଇଁ ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ହେଲେ ଟିକା ନେବା ପରେ ଅଧିକାଂଶ ଲୋକ ଜ୍ୱରରେ ପୀଡ଼ିତ ହୋଇ ନାନା କଷ୍ଟ ଭୋଗୁଛନ୍ତି। ସେମାନଙ୍କୁ ଡାକ୍ତରୀ ପରାମର୍ଶ ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଟକ ସଦର ଅଞ୍ଚଳରେ ବ୍ୟବସ୍ଥା କରାଯାଇ ନାହିଁ ବୋଲି ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି। ଉକ୍ତ ୩ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳର ଲୋକମାନେ ଟିକା ପରବର୍ତ୍ତୀ ଜ୍ୱର ପରାମର୍ଶ ପାଇଁ ଏକ ଟେଲିଫୋନ ନମ୍ବର ଜାରି କରିବାକୁ ସେଠୀ ଦାବି କରିଛନ୍ତି। ଏହାବ୍ୟତୀତ ବ୍ଲକ ୨୩ଟି ପଞ୍ଚାୟତରେ ଭ୍ରାମ୍ୟମାଣ ଟିକାକେନ୍ଦ୍ର ଖୋଲିବା ପାଇଁ ପରିଷଦ ପକ୍ଷରୁ କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜିଲାପାଳଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି।

### ବଳିଦାନ ଦିବସ ପାଳିତ

**ବାଙ୍କୀ,୨୩।୬(ସ୍ୱ.ପ୍ର.):** ବାଙ୍କୀ ଭାଜପା କାର୍ଯ୍ୟାଳୟରେ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ବୁଧବାର ବଳିଦାନ ଦିବସ ଅନୁଷ୍ଠିତ ହୋଇଥିଲା। ଶ୍ୟାମା ପ୍ରସାଦ ମୁଖାର୍ଜୀ ଦେଶ ପାଇଁ କାର୍ଯ୍ୟ କରି ଆଜିର ଦିନରେ ମୃତ୍ୟୁବରଣ କରିଥିଲେ। ତେଣୁ ଏହି ଦିବସକୁ ଭାଜପା ପକ୍ଷରୁ ବଳିଦାନ ଦିବସ ରୂପେ ପାଳନ କରାଯାଉଛି ବୋଲି ପାଢ଼ୀ ପ୍ରକାଶ କରିଛନ୍ତି।

## ୧୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

**ବାଙ୍କୀ,୨୩।୬ (ସ୍ୱ.ପ୍ର.)**


ଗିରଫ ଅଭିଯୁକ୍ତ ସୁରେଶ ମହାପାତ୍ର।

କଟକ ଜିଲା ବାଙ୍କୀ ଅଞ୍ଚଳରୁ ବୁଧବାର ୧୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ସହ ଜଣେ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ବାଙ୍କୀରେ ବିପୁଳ ପରିମାଣର ବ୍ରାଉନସୁଗାର ବିକ୍ରି ହେଉଥିବା ଖବରପାଇ ଅବକାରୀ କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶରେ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଆଇଆଇସି ଜଗଦୀଶ ସାମଲଙ୍କ ନେତୃତ୍ୱରେ ଏକ ଟିମ୍ ଅଞ୍ଚଳରେ ଚଢ଼ାଉ କରିଥିଲେ। ସକାଳେ ବାଙ୍କୀ-ଖୋର୍ଦ୍ଧା ରାସ୍ତା କୃଷି ବିଭାଗ କାର୍ଯ୍ୟାଳୟ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରୁ ପୋଡାଡିହ ଗାଁର ସୁରେଶ ମହାପାତ୍ର (୩୧)ଙ୍କ ନିକଟରୁ ୧୬୪ ଗ୍ରାମ ବ୍ରାଉନସୁଗାର ଅବକାରୀ ବିଭାଗ ଜବତ କରିଥିଲା। ଜବତ ବ୍ରାଉନସୁଗାରର ବଜାର ମୂଲ୍ୟ ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆଇଆଇସି କହିଛନ୍ତି। ସୁରେଶଙ୍କୁ ଅବକାରୀ ବିଭାଗ ନଂ. ୫୨/୨୧-୨୨ରେ ୨୧(ବି) ଏନ୍‌ଡିପିଏସ୍ ଆଇନରେ ମାମଲା ରୁଜୁ କରି ଗିରଫ କରି କଟକ ନେଇଛି। ସୁରେଶ ଶଟ୍‌ଡାଉନ ଓ ଲକ୍‌ଡାଉନର ଫାଇଦା ଉଠାଇ ବର୍ଷେରୁ ଊର୍ଦ୍ଧ୍ୱ ହେବ ବ୍ରାଉନସୁଗାର ବ୍ୟବସାୟ ବାଙ୍କୀ ଓ ଆଖପାଖ ଅଞ୍ଚଳରେ କରୁଥିବା ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ କୁହାଯାଇଛି।

## ଅଙ୍ଗନଓ୍ୱାଡ଼ି କର୍ମୀଙ୍କୁ ସ୍ମାର୍ଟଫୋନ୍, ଏସ୍ଏଚ୍‌ଜିକୁ ଋଣ ବଣ୍ଟନ

**ବାଙ୍କୀ,୨୩।୬(ସ୍ୱ.ପ୍ର.)**

କୋଭିଡ୍ କଟକଣା ମଧ୍ୟରେ ବୁଧବାର ବାଙ୍କୀ, ଡମପଡା ବ୍ଲକ ସମନ୍ୱିତ ଶିଶୁ ଓ ମହିଳା ବିକାଶ ବିଭାଗ ସଭାଗୃହରେ ଅଙ୍ଗନଓ୍ୱାଡି କର୍ମୀଙ୍କୁ ସ୍ମାର୍ଟ ଫୋନ୍, ୧୫ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)କୁ ମିଶନ ଶକ୍ତି ବ୍ଲକସ୍ତରୀୟ ମହାସଂଘ ପକ୍ଷରୁ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଋଣ ବଣ୍ଟନ କରିଛନ୍ତି।

କରୋନା ସମୟରେ ଅଙ୍ଗନଓ୍ୱାଡି କର୍ମୀମାନେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ହିତାଧିକାରୀ ଓ ବିଭାଗକୁ ତଥ୍ୟ ଦେବାକୁ ଅସୁବିଧା ହେଉଥିଲା। ପୋଷଣ, ମମତା ଯୋଜନା, ମୋ ଛତୁଆ, ମିଶନ ଶକ୍ତି ସମ୍ପର୍କରେ ହିତାଧିକାରୀଙ୍କୁ ଅବଗତ କରାଇ ସେମାନଙ୍କ ତଥ୍ୟ ସରକାରଙ୍କୁ ଅବଗତ କରାଇବା ସ୍ମାର୍ଟ ଫୋନ୍ ବିତରଣର ଉଦ୍ଦେଶ୍ୟ ବୋଲି ବିଧାୟକ ତ୍ରିପାଠୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୁପରଭାଇଜର ସଂଯୁକ୍ତା ମେଲଗାଜି, ବାଙ୍କୀ ବ୍ଲକ ଜିପିଓ କୁମାର ପ୍ରଧାନ, କାଳିପୋଇ ସରପଞ୍ଚ ସୁବାସ ସ୍ୱାଇଁ, ବରିଷ୍ଠ କିରାଣି ସତ୍ୟନାରାୟଣ ପ୍ରଧାନ ସହଯୋଗ କରିଥିଲେ।

## ଟଙ୍କା ପାଇଁ ସ୍ତ୍ରୀଙ୍କୁ ଭୁଜାଲିରେ ହାଣିଲେ ସ୍ୱାମୀ

**ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି, ସ୍ୱାମୀ ଗିରଫ**

**କଟକ ଅଫିସ, ୨୩।୬**

ସାମାନ୍ୟ କିଛି ଟଙ୍କା ଲାଗି ଜଣେ ସ୍ୱାମୀ ସ୍ତ୍ରୀଙ୍କୁ ଜୀବନରୁ ମାରିଦେବାକୁ ଭୁଜାଲିରେ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଛନ୍ତି। ଜୀବନ ବଞ୍ଚାଇବା ପାଇଁ ମହିଳା ଜଣକ ଚିତ୍କାର କରିବା ପରେ ଲୋକମାନେ ତାଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଖବର ପାଇ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଅଭିଯୁକ୍ତ ସ୍ୱାମୀ ୱାଇ.ଜଗନ୍ନାଥଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ ଦିୱାନବଜାର ତନ୍ତିସାହିର ୱାଇ. ଜଗନ୍ନାଥ(୩୫) କାଜିବଜାରର ୱାଇ. ସିରିଶା(୨୮)ଙ୍କୁ ୧୪ ବର୍ଷ ତଳେ ପ୍ରେମ ବିବାହ କରିଥିଲେ।। ବିବାହକୁ ପ୍ରାୟ ୧୪ ବର୍ଷ ବିତିଯାଇଥିଲା ବେଳେ ଏବେ ତାଙ୍କର ଗୋଟିଏ ଝିଅ ଅଛି। ଜଗନ୍ନାଥ ଷ୍ଟିକରିଂ କାମ କରନ୍ତି। ବିବାହ ସମୟରେ ସିରିଶା ଯୌତୁକ ଆଣି ନ ଥିବାରୁ ଜଗନ୍ନାଥ ତାଙ୍କୁ ବିଭିନ୍ନ ସମୟରେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବହୁବାର ଝଗଡ଼ା ହୋଇଥିଲା। ଦୁଇ ମାସ ତଳେ ବାପ ଘରୁ ତୁରନ୍ତ ୨ଲକ୍ଷ ଟଙ୍କା ଆଣିବାକୁ ସିରିଶାଙ୍କୁ ଜଗନ୍ନାଥ କହିଥିଲେ। କିନ୍ତୁ ସିରିଶା ଟଙ୍କା ଆଣିପାରି ନ ଥିଲେ। ବୁଧବାର ସକାଳ ସାଢେ ୬ଟାବେଳେ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଟଙ୍କାକୁ କେନ୍ଦ୍ର କରି ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜଗନ୍ନାଥ ଏକ ଭୁଜାଲିରେ ସିରିଶାଙ୍କୁ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ଯାଇ ସିରିଶା ପ୍ରାଣ ବିକଳରେ ଏଣେତେଣେ ଦୌଡୁଥିବାବେଳେ ଜଗନ୍ନାଥ ଗୋଡ଼େଇ ଗୋଡ଼େଇ ହାଣିଥିଲେ। ଏହା ଦେଖି ପଡ଼ୋଶୀ ହସ୍ତକ୍ଷେପ କରିବାରୁ ସିରିଶା ରକ୍ଷା ପାଇଥିଲେ। ଏନେଇ ଲାଲବାଗ ପୋଲିସ ଖବରପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଜଗନ୍ନାଥଙ୍କୁ କାବୁ କରିଥିଲା। ସିରିଶାଙ୍କ ଭାଇ ଏ. ରାଜଶେଖରଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୧୭୪/୨୧) ରୁଜୁ କରିଛି।


କଟକ ଫିରିଙ୍ଗି ବଜାର ଅଞ୍ଚଳରେ ଜଣେ କାରିଗର ସ୍ନାନପୂର୍ଣ୍ଣିମାରେ ଶ୍ରୀ ଜୀଉଙ୍କ ପାଇଁ ଗଜମୁଖ ପ୍ରସ୍ତୁତ କରୁଛନ୍ତି।

## ଅଘୋଷିତ ବିଦ୍ୟୁତ୍ କାଟ ବିରୋଧରେ ଜନ ଅସନ୍ତୋଷ

**ସାଲେପୁର, ୨୩।୬(ଡି.ଏନ୍.ଏ.)**

ସାଲେପୁର ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବୁଧବାର ସାଲେପୁର ସହରାଞ୍ଚଳ ବିକାଶ ପରିଷଦର ପ୍ରତିନିଧି ଦଳ ସାଲେପୁର ବିଦ୍ୟୁତ୍ ଡିଭିଜନ୍‌ର ମ୍ୟାନେଜରଙ୍କୁ ସାକ୍ଷାତ୍ କରିଥିଲେ। ଯେପରି ସାଲେପୁର ଅଞ୍ଚଳରେ ଏହି ଅଘୋଷିତ ବିଦ୍ୟୁତ୍ କାଟ ବାରମ୍ବାର କରା ନ ଯାଏ, ସେଥିପ୍ରତି ଦୃଷ୍ଟି ଦେବାକୁ ଆଲୋଚନା ହୋଇଥିଲା। ସେହିପରି ବିଦ୍ୟୁତ୍ ଗ୍ରାହକମାନଙ୍କ ମିଟର ଠିକ୍ ଥିଲେ ମଧ କମ୍ପାନୀ ପକ୍ଷରୁ ବଦଳା ଯାଉଛି। ଏହାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଘୋଷିତ ବିଦ୍ୟୁତ୍ କାଟକୁ ବନ୍ଦ ସହ ବିଦ୍ୟୁତ୍ ଗ୍ରାହକଙ୍କର ମିଟର ଠିକ୍ ଥିଲେ ପରିବର୍ତ୍ତନ କରାଯିବ ନାହିଁ ବୋଲି ମ୍ୟାନେଜର ପବିତ୍ର କୁମାର ଜେନା ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିଛନ୍ତି। ଏଥିରେ ପରିଷଦର ଅଧକ୍ଷ ନନ୍ଦକିଶୋର ଭୂୟାଁ, ଚନ୍ଦ୍ରାଦେଇପୁର ସରପଞ୍ଚ ଅନିଲ କୁମାର ଦାସ, ପ୍ରତ୍ୟୁଷ ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ରାଜପଥରେ ଜମୁଛି ପାଣି

**ଫୁଲନଖରା, ୨୩।୬(ଡି.ଏନ୍.ଏ.)**

କଟକ-ଭୁବନେଶ୍ୱର ୧୬ନମ୍ବର ଜାତୀୟ ରାଜପଥ ଗୋପାଳପୁରଠାରୁ ବାଲିକୁଦା ଛକ ପର୍ଯ୍ୟନ୍ତ ରାସ୍ତାରେ ଲଗାଣ ବର୍ଷା ଯୋଗୁ ବର୍ଷାଜଳ ଜମି ରହୁଛି। ଯାହାଫଳରେ ଯାତାୟାତ କରୁଥିବା ଗାଡ଼ି ମୋଟରଗୁଡିକ ବହୁ ସମୟ ରାସ୍ତାରେ ଅଟକି ରହୁଛି। ଜାତୀୟ ରାଜପଥରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ରାସ୍ତାପାର୍ଶ୍ୱରେ ଏକ ସର୍ଭିସ ରୋଡ୍ କରାଯାଇଥିଲା। ବୁଧବାର ଲଘୁଚାପ ଜନିତ ବର୍ଷା ଲାଗି ରହିବାରୁ ଜଳ ନିଷ୍କାସନ ହୋଇ ନ ପାରି ଏହି ରାସ୍ତାରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା।

## ଜୀବନବିନ୍ଦୁ ପକ୍ଷରୁ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ

**ବାଙ୍କୀ,୨୩।୬(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ପଞ୍ଚାୟତ ଅଂଶୁପା ମହାବିଦ୍ୟାଳୟରେ ବୁଧବାର ଓଡ଼ିଶା ମୋ ପରିବାର, ଜୀବନବିନ୍ଦୁ ପକ୍ଷରୁ ବାଙ୍କୀ ବିଜୁ ଯୁବ ଓ ଛାତ୍ର ଜନତା ଦଳର ସଦସ୍ୟ ଓ ସରପଞ୍ଚଙ୍କ ସହଯୋଗରେ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଓଡ଼ିଶା ଜୀବନବିନ୍ଦୁର ଆବାହକ ତଥା ମୋ ପରିବାରର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ଓ ବାଙ୍କୀ ବିଧାୟକ ତଥା ରାଜ୍ୟ ଛାତ୍ର ବିଜେଡି ସଭାପତି ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଶିବିରରେ ଆଖପାଖ ଅଞ୍ଚଳର ୧୦୦ ଯୁବତୀଯୁବକ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ରକ୍ତଦାନ କରିଥିବା ଯୁବତୀଯୁବକଙ୍କୁ ଜୀବନବିନ୍ଦୁ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## କୁଆଁପାଳ-ସାଲେପୁର ରାସ୍ତା ପାର୍ଶ୍ୱରେ ୭ ଫୁଟର ଗର୍ତ୍ତ

**ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ପଥଚାରୀ**

**ସାଲେପୁର, ୨୩।୬(ଡି.ଏନ୍.ଏ.)**



ବର୍ଷା ଯୋଗୁ କୁଆଁପାଳ-ସାଲେପୁର ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ପୋଖରୀ ବନ୍ଧ ଖାଇଯିବାରୁ ୭ଫୁଟ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଉକ୍ତ ରାସ୍ତାରେ ଦୁଇଚକିଆ ଯାନଠାରୁ ବଡ଼ ଗାଡ଼ିଗୁଡିକ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଥିବା ଦେଖାଯାଇଛି। ପ୍ରଶାସନ ପକ୍ଷରୁ ଗର୍ତ୍ତକୁ ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ସେହିପରି ମାଛୁଆତି ଗାଁର ତାରିଣୀ ଛକଠାରୁ କେନ୍ଦ୍ରାପଡ଼ା କେନାଲ ବନ୍ଧ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଓ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ରାସ୍ତାକୁ ଜବରଦଖଲ କରି ପାଚେରି ନିର୍ମାଣ କରିଥିବାରୁ ବର୍ଷା ହେଲେ ଉକ୍ତ ରାସ୍ତାରେ ପାଣି ଜମି ରହୁଛି। ଏହି ରାସ୍ତାଟି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଫାର୍ମାସୀ କଲେଜ, ସାଲେପୁର କଲେଜ ଏବଂ କାନାରା ବ୍ୟାଙ୍କର ବାଇପାସ୍ ରାସ୍ତା ହୋଇଥିବାରୁ ଏହାର ଗୁରୁତ୍ୱ ରହିଛି। ରାସ୍ତା ପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ନିଷ୍କାସିତ ହୋଇ ପାରୁନାହିଁ। ଫଳରେ ରାସ୍ତାରେ ଯାତାୟାତ କରିବାରେ ବ୍ୟାଘାତ ଉପୁଜିଛି। ତୁରନ୍ତ ଏହି ରାସ୍ତାର ଉଭୟପାର୍ଶ୍ୱରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ଡ୍ରେନେଜ୍ ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଛି।

## ହାରିନାହାନ୍ତି ପୂର୍ଣ୍ଣିମା ମାଉସୀ

**କଟକ ଅଫିସ, ୨୩।୬**



ମୁଣ୍ଡ ଉପରେ ପାଞ୍ଚ ପ୍ରାଣୀ କୁଟୁମ୍ବର ବୋଝ। ସ୍ୱାମୀ ମାନସିକ ଭିନ୍ନକ୍ଷମ। ଘରେ ଦୁଇ ଅବିବାହିତ ଝିଅ ଓ ଗୋଟିଏ ପୁଅ। ପରିବାରର ସେ ହେଉଛନ୍ତି ଏକମାତ୍ର ରୋଜଗାରକ୍ଷମ। ତଥାପି ଭାଙ୍ଗିପଡ଼ିନାହାନ୍ତି କଟକ ଝାଞ୍ଜିରିମଙ୍ଗଳା ଅଞ୍ଚଳର ପୂର୍ଣ୍ଣିମା ସାହୁ। ୫୧ ବର୍ଷ ବୟସରେ ବି ସବୁ ଦୁଃଖକଷ୍ଟ ସହି ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସହରରେ ସେ ପୂର୍ଣ୍ଣିମା ମାଉସୀ ଭାବେ ବେଶ୍ ପରିଚିତ।

ପୂର୍ଣ୍ଣିମା କହିଛନ୍ତି, ପ୍ରଥମେ ଯେତେବେଳେ ତାଙ୍କୁ ପରିବାରର ଦାୟିତ୍ୱ ନେବାକୁ ପଡ଼ିଲା ସେତେବେଳେ ତାଙ୍କ ମନରେ ଚିନ୍ତା ଛାଇଯାଇଥିଲା। କିଛି ବୁଦ୍ଧିବାଟ ଦିଶି ନ ଥିଲା। ମାତ୍ର ପାରିବାରିକ ସମସ୍ୟା ଓ ପୁଅ ପାଠ଼ଡ଼ାକୁ ଦୃଷ୍ଟିରେ ରଖି ସେ ଅଣ୍ଟା ଭିଡ଼ିଲେ। ନିଜ ପ୍ରୟାସରେ ଏକ ଛୋଟ ହୋଟେଲ ଖୋଲିଲେ। ଘରେ ଖାଦ୍ୟ ପ୍ରସ୍ତୁତ କରି ସେଠାରେ ଦୁଇବେଳା ଖାଦ୍ୟ ବିକିବା ସହ ଅର୍ଡର ମୁତାବକ ପାର୍ଶଲ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଲେ। ଏପରି ଭାବେ ଦୀର୍ଘ ୩୦ ବର୍ଷ ହେବ ସେ ଜୀବିକା ଚଳାଇ ରଖିଛନ୍ତି। ତାଙ୍କ ହାତ ତିଆରି ରୁଟି ଓ ସନ୍ତୁଳା ପାଇଁ ଲୋକଙ୍କ ଭିଡ଼ ଜମେ। ପୂର୍ଣ୍ଣିମା ଦିନରେ ୩୦ଟି ମିଲ୍ ଏବଂ ରାତିରେ ୨୦୦ ରୁଟି ଓ ୧୦୦ ପରଟା, ସନ୍ତୁଳା, ଡାଲ୍‌ମା ବିକ୍ରି କରିଥାନ୍ତି। ଏହି କାମରେ ଦୁଇ ଝିଅ ଗଙ୍ଗା, ଯମୁନା ତାଙ୍କୁ ସାହାଯ୍ୟ କରନ୍ତି। ସମ୍ପ୍ରତି ମହାମାରୀ କରୋନା ସମୟରେ ତାଙ୍କ ବେଉସା କିଛି ମାତ୍ରାରେ ପ୍ରଭାବିତ ହୋଇଥିଲେ ବି ସେ ଭାଙ୍ଗି ନ ପଡ଼ି ଦିନ ରାତି ଅକ୍ଳାନ୍ତ ପରିଶ୍ରମ କରିଚାଲିଛନ୍ତି। ସବୁଦିନ ବଡିଭୋରୁ ଉଠି ଘରକାମ ସାରି ପାର୍ଶଲ ଯୋଗାଇବାକୁ ଖାଦ୍ୟ ପ୍ରସ୍ତୁତିରେ ଲାଗିପଡ଼ନ୍ତି। ଦିନକୁ ଯେତିକି ରୋଜଗାର ହୁଏ ସେଥିରେ କଷ୍ଟେମଷ୍ଟେ ପରିବାର ଚଳାନ୍ତି।

### ଭୋକିଲା ପେଟକୁ ଚିହ୍ନିପାରନ୍ତି



ମାଉସୀ ଜଣେ ଏମିତି ଲୋକ ଯିଏ କି ଭୋକିଲା ଲୋକର ପେଟ ଚିହ୍ନିପାରନ୍ତି। ପଇସା ନ ଥାଇ ଯଦି କେହି ଗ୍ରାହକ ଖାଦ୍ୟ ପାଇଁ ତାଙ୍କ ନିକଟକୁ ଯାନ୍ତି ତାହାଲେ ବି ସେ ମନା କରନ୍ତି ନାହିଁ।

**- ସରୋଜ ଜେନା, ସ୍ଥାନୀୟ ବାସିନ୍ଦା**

### ଦୂରଦୂରାନ୍ତରୁ ଲୋକେ ଆସନ୍ତି



ପୂର୍ଣ୍ଣିମା ମାଉସୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ପାଇଁ ଦୂରଦୂରାନ୍ତରୁ ଲୋକେ ଆସନ୍ତି। ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ସମୟରେ ସବୁ ବନ୍ଦ ଥିବାବେଳେ ମାଉସୀ ହିଁ ଏକମାତ୍ର ସାହା, ଯିଏ ଲୋକଙ୍କୁ ଖାଇବା ଯୋଗାଇଥାନ୍ତି।

**- ସୋମନାଥ ନାୟକ, ସ୍ଥାନୀୟ ବାସିନ୍ଦା**

### ମାଉସୀ ଅତି ସ୍ନେହୀ



ପୂର୍ଣ୍ଣିମା ମାଉସୀ ଅତି ସ୍ନେହୀ। ପାରିବାରିକ ସମସ୍ୟା ରହିଥିଲେ ମଧ ସେ କେବେ ଭାଙ୍ଗି ପଡ଼ିନାହାନ୍ତି। ତାଙ୍କ ହାତରନ୍ଧା ଖାଦ୍ୟ ଖୁବ୍ ସ୍ୱାଦିଷ୍ଟ। ଏଥିପାଇଁ ଦୂରଦରାନ୍ତରୁ ଲୋକଙ୍କ ଭିଡ଼ ଜମେ।

**- ଏମ୍. ଟୁନା, ସ୍ଥାନୀୟ ବାସିନ୍ଦା**

**ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟତିଥି**

**ଖୋର୍ଦ୍ଧା ଅଫିସ:** ଭାରତୀୟ ଜନସଂଘ ପ୍ରତିଷ୍ଠାତା ସଭାପତି, ରାଜନୀତିଜ୍ଞ ତଥା ଶିକ୍ଷାବିତ୍ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟତିଥି ଭାରତୀୟ ଜନତା ପାର୍ଟି ଖୋର୍ଦ୍ଧା ଜିଲା କାର୍ଯ୍ୟାଳୟ ପରିସରରେ ବୁଧବାର ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ରୋଜିନା ରାଣୀ ଦାଶ, ଜିଲା ସାଧାରଣ ସମ୍ପାଦକ ପ୍ରତାପ ମହାପାତ୍ର, ସୁମିତ୍ରା ପ୍ରଧାନ, ବାସନ୍ତୀ ନାୟକ, ପ୍ରଦୀପ୍ତ ପାଣି, ବିଜୟ ସ୍ୱାଇଁ, ମହମ୍ମଦ କାଲାମୁଦ୍ଦିନ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ସଂକ୍ଷେପରେ

### ନେପାଳୀ ନାଗରିକଙ୍କୁ ଟିକାକରଣ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୩।୬(ବ୍ୟୁରୋ):** ଓଡ଼ିଶାରେ ରହି କାର୍ଯ୍ୟ କରୁଥିବା ନେପାଳୀ ନାଗରିକଙ୍କୁ ଟିକାକରଣ କରାଯିବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ବୁଧବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟରେ ଶ୍ରମିକ ବା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ନେପାଳୀ ନାଗରିକଙ୍କୁ ଟିକା ଦେବା ବ୍ୟବସ୍ଥା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେହେତୁ କୋୱିନ ପୋର୍ଟାଲରେ ପଞ୍ଜୀକରଣ ନିମନ୍ତେ ସେମାନଙ୍କ ପାଖରେ କୌଣସି ପରିଚୟପତ୍ର ନ ଥାଇପାରେ, ତେଣୁ ବିନା ପରିଚୟପତ୍ରରେ ସେମାନଙ୍କୁ ଟିକା ଦେବା ନେଇ କେନ୍ଦ୍ର ସରକାର ଯେଉଁ ଏସ୍ଓପି ଜାରି କରିଛନ୍ତି, ସେହି ଆଧାରରେ ଟିକାକରଣ କରିବା ଲାଗି ଅତିରିକ୍ତ ମୁଖ୍ୟ ଶାସନ ସଚିବ ମହାପାତ୍ର କହିଛନ୍ତି।

### କରୋନା ନେଲାଣି ୮୮ ଜୀବନ

**ଖୋର୍ଦ୍ଧା ଅଫିସ, ୨୩।୬:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସପ୍ତାହ ଧରି କରୋନା ସଂକ୍ରମଣ ସଂଖ୍ୟା କେତେବେଳେ କମୁଛି ତ ଆଉ କେତେବେଳେ ବଢୁଛି। ମଙ୍ଗଳବାର ୯୬ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ବୁଧବାର ୧୧୮ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୪୭ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବୁଧବାର ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୨୦, ବାଲିପାଟଣା ୧୩, ଭୁବନେଶ୍ୱର ବ୍ଲକ ୧୧, ଜଟଣୀ ୧୦, ଖୋର୍ଦ୍ଧା ୧୬, ବେଗୁନିଆ ୧୪, ବୋଲଗଡ଼ ୯, ଟାଙ୍ଗୀ ୧୪, ଚିଲିକା ୪ ଓ ବାଣପୁରର ୭ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ୩,୮୬,୮୧୦ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୫,୩୩୬ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୪,୩୭୨ଜଣ ସୁସ୍ଥ ହୋଇଛନ୍ତି। ୮୮ଜଣଙ୍କ ମୃତ୍ୟୁ ଘଟିଛି। ୮୭୬ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

### ଛତୁଆ ମିଶ୍ରଣ ଦିବସ

**କୃଷ୍ଣପ୍ରସାଦ, ୨୩।୬(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳନ ହୋଇଯାଇଛି। ମା' ହରଚଣ୍ଡୀ ସ୍ୱୟଂ ସହାୟକ ସଙ୍ଗଠନ, ସିଆଣ୍ଡି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ମାସ୍କ ପରିଧାନ ସହ ସାମାଜିକ ଦୂରତ୍ୱ ରକ୍ଷା କରି ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଭଜା ଗହମ, ଭଜା ବୁଟ, ଭଜା ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ମୋରଡ଼ାସ୍ଥିତ ମା' ପାଦୁକାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ କରୋନା କଟକଣାରେ ମିଶ୍ରଣ ପର୍ବ ଆୟୋଜନ ହୋଇଥିଲା। ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିସ୍ତ୍ରି ମିଶ୍ରଣ କରିଥିଲେ। ବିଭାଗୀୟ ଅଧିକାରୀ ସାବିତ୍ରୀ ପଶ୍ଚିମକବାଟଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଆୟୋଜନ ହୋଇଥିଲା।

# ହାତୀ ଭୟରେ ପଡ଼ିଆ ପଡ଼ିଲା ଜମି

- ଚାଷୀଙ୍କୁ ମିଳୁନି ଉଚିତ କ୍ଷତିପୂରଣ
- ବନବିଭାଗ ଦୃଷ୍ଟି ଦେବାକୁ ଦାବି

**ନିରାକାରପୁର, ୨୩।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଅନ୍ତର୍ଗତ ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳରେ ଗତ କିଛି ବର୍ଷ ହେବ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଲାଗି ରହିଛି। କେତେକ ହାତୀ ଧାନ ଖାଇବା ସହ ଦଳିଚକଟି ନଷ୍ଟ କରିଦେଉଛନ୍ତି। ଏଥିସହ ଗ୍ରାମରେ ପଶି ଘର ଭାଙ୍ଗିବା ସହ ପରିବା ଫସଲ ନଷ୍ଟ କରୁଛନ୍ତି। ଏନେଇ ବନ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ବନ ବିଭାଗ ସେମାନଙ୍କର ଉଚିତ୍ ପ୍ରାପ୍ୟ ଦେଉନାହାନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ଚଳିତବର୍ଷ ଜଙ୍କିଆ ପଞ୍ଚାୟତ ମୁଣ୍ଡାଆମ୍ବ ମୌଜାରେ ହେକ୍ଟର ହେକ୍ଟର ଚାଷଜମି ପଡ଼ିଆ ପଡ଼ିଥିବା ଦେଖିବାକୁ ମିଳିଛି। ଚାଷୀ ସୁବାସ ବେହେରା, କରୁଣା ବେହେରା, କୃଷ୍ଣଚନ୍ଦ୍ର ନରେନ୍ଦ୍ର, ବିଦ୍ୟାଧର ଗଜେନ୍ଦ୍ର, ଦୁର୍ଯ୍ୟ ବଳିୟାରସିଂହ, ସାରଦା ପ୍ରସାଦ ମାଝି, ଗୁଣ୍ଡିଚା ବେହେରା, ଚକ୍ରଧର ବେହେରା, ଶରତ ଚନ୍ଦ୍ର କ୍ଷେତ୍ରବର, ଶଙ୍କର ସାମନ୍ତରାୟ, ଧନୁର୍ଦ୍ଧର ସାମନ୍ତରାୟ, ଦିନେଶ ରାଉତରାୟ, ଗିରୀଶ ରାଉତରାୟ, ଧୀରେନ୍ଦ୍ର ପାଇକରାୟ, ବୁଲୁ ହରିଚନ୍ଦନ, ସନ୍ତୋଷ ବଳିୟାରସିଂହ ପ୍ରମୁଖ ଏହି ଚାଷରୁ ନିବୃତ୍ତ ରହିଛନ୍ତି।



ଏନେଇ ଚାଷୀ କୃଷ୍ଣଚନ୍ଦ୍ର କହିଛନ୍ତି, ପ୍ରତିବର୍ଷ ହାତୀ ଧାନ ଫସଲକୁ ନଷ୍ଟ କରୁଛନ୍ତି। ଫସଲ ନଷ୍ଟ ବାବଦକୁ କ୍ଷତିପୂରଣ ମିଳୁନାହିଁ। ତେଣୁ ଚଳିତବର୍ଷ ଚାଷରୁ ଓହରି ଯାଇଛୁ। ସେହିପରି ଚାଷୀ ବିଦ୍ୟାଧର କହିଛନ୍ତି, ୫ମାଣ ଜମିରେ ପୂର୍ବରୁ ଚାଷ କରୁଥିଲି। କିଛି ବର୍ଷ ହେବ ଧାନ ଫସଲ ପାଇଁ ଯେତିକି ଅର୍ଥ ଲଗାଉଛି ତାହା ହାତୀ ଉଜାଡି ଦେଉଛି। ଏନେଇ ଗୁହାରି କଲେ ମଧ୍ୟ କେହି ଶୁଣୁନାହାନ୍ତି। ଚଳିତବର୍ଷ ଜମି ପଡିଆ ରହିଛି ବୋଲି ସେ କହିଛନ୍ତି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

## ସ୍ୱାମୀ, ଶ୍ୱଶୁର ଅଟକ

**ଖୋର୍ଦ୍ଧା ଅଫିସ, ୨୩।୬**

ଖୋର୍ଦ୍ଧା ପଲ୍ଲା କୋଣାର୍କ ନଗରରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ନେଇ ଟାଉନ ଥାନାରେ ବୁଧବାର ଅଭିଯୋଗ ହୋଇଛି। ମୃତା ହେଲେ ସନ୍ତୋଷ ବେହେରାଙ୍କ ସ୍ତ୍ରୀ ଛବିନା ବେହେରା (୨୯)। ଏ ସମ୍ପର୍କରେ ପୋଲିସ ହତ୍ୟା ମାମଲା (ନଂ.୨୪୬/୨୧) ରୁଜୁ କରିବା ସହ ମୃତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟପଟେ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତାଙ୍କ ଭାଇ ସୋମନାଥଙ୍କ ଅଭିଯୋଗ ମୁତାବକ, ଚନ୍ଦକା ଥାନା ଅଧୀନ କୁଜିମହଲ ଗ୍ରାମର ଛବିନା ୨୦୧୬ ଜୁଲାଇରେ କୋଣାର୍କ ନଗରର ସନ୍ତୋଷଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ସୁନା ଅଳଙ୍କାର, ଆସବାବପତ୍ର ମିଶାଇ ୬ଲକ୍ଷ ଟଙ୍କା ଦିଆଯାଇଥିଲା। ତେବେ ବିବାହର ୪ବର୍ଷ ପରେ ମଧ୍ୟ କୌଣସି କାରଣରୁ ସନ୍ତାନ ଜନ୍ମଲାଭ କରିନଥିଲା। ଏନେଇ ଶାଶୁଘର ଲୋକେ ଛବିନାଙ୍କୁ ନିର୍ଯାତନା ଦେଉଥିଲେ। ଏଥିସହ ବାପଘରୁ ଅଧିକ ଯୌତୁକ ଆଣିବାକୁ କହିଥିଲେ। ସେ ଏଥିରେ ଅରାଜି ହେବାରୁ ନିର୍ଯାତନା ବଢ଼ି ଚାଲିଥିଲା। ମଙ୍ଗଳବାର ସାଢ଼େ ୨ଟାରେ ଛବିନା ପାଇଖାନାରେ ପଡ଼ି ଗୁରୁତର ଆହତ ହୋଇଛି ବୋଲି ଶାଶୁ ଫୋନ କରି ଜଣାଇଥିଲେ। କିଛି ସମୟ ପରେ ପୁଣି ଛବିନାର ମୃତ୍ୟୁ ଘଟିଛି ବୋଲି କହିଥିଲେ। ଅଧିକ ଯୌତୁକ ଦାବିରେ ଶାଶୁ, ଶ୍ୱଶୁର, ସ୍ୱାମୀ ଏବଂ ଦିଅର ମିଳିମିଶି ଛବିନାଙ୍କୁ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଏନେଇ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର କହିଛନ୍ତି, ବୁଧବାର ସକାଳେ ପଲ୍ଲାରେ ବଧୂହତ୍ୟା ଅଭିଯୋଗ ଆସିବା ପରେ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳ ଅନୁଧ୍ୟାନ କରାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଛବିନା ଆତ୍ମହତ୍ୟା କରିଥିବା ସ୍ୱାମୀ ବୟାନ ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ। ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।



ଜଟଣୀ ବାଛରାସ୍ଥିତ ସୁଶୀଳା ଦେବୀ ବିଦ୍ୟାପୀଠ ଟିକାକରଣ କେନ୍ଦ୍ରରେ ବୁଧବାର ପଞ୍ଜୀକରଣ ପାଇଁ ଲୋକେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

## ଦିନକରେ ୯୧୭ ଟିକା ନେଲେ

**ଜଟଣୀ, ୨୩।୬(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳର ବାଲିଛକ ସାହି (ମୁଣ୍ଡିଆ ସାହି), ବାଛରା ସୁଶୀଳାଦେବୀ ପ୍ରଗତି ବିଦ୍ୟାପୀଠ, କୁଦିଆରୀ ନୋଡାଲ ସ୍କୁଲ, ପି.ଏନ୍. ହାଇସ୍କୁଲ, ହାଟବଜାର ୟୁଜିୟୁପି ସ୍କୁଲ ଟିକାକରଣ କେନ୍ଦ୍ରରେ ବୁଧବାର ୯୧୭ଜଣଙ୍କୁ ଟିକା ଦିଆଯାଇଛି। ସୂଚନାଥାଉ କି, କ୍ୟାମ୍ପେନ୍ ମୋଡ୍‌ରେ ୪ଟି ଟିକାକରଣ କେନ୍ଦ୍ର ଖୋଲାଯିବାକୁ ଏହି ପୌର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସେଥିରୁ ସୋମବାର ଓ ମଙ୍ଗଳବାର ୪ଟି ଖୋଲାଯାଇଥିବା ବେଳେ ବୁଧବାର ଆଉ ଏକ ଟିକାକରଣ କେନ୍ଦ୍ର ଖୋଲାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ଟିକା କେନ୍ଦ୍ରରେ ପୋଲିସ ମୁତୟନ କରାଯାଇଥିଲା। ତେବେ କୁଦିଆରୀ ଟିକା କେନ୍ଦ୍ରରେ ପଞ୍ଜୀକରଣ ପାଇଁ ଡାଟା ଏଣ୍ଟ୍ରିରେ ସମସ୍ୟା ଦେଖାଦେଇଥିଲା। ଏନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବର୍ଷା ହେଉଥିବା ଯୋଗୁ ସାମାଜିକ ଦୂରତ୍ୱ ରହି ନ ଥିଲା। ପରେ ମୋବାଇଲଫୋନମାଧ୍ୟମରେ ପଞ୍ଜୀକରଣ କରାଯାଇ ଟିକା ଦିଆଯାଇଥିଲା।

## ଖୋର୍ଦ୍ଧା ଉପଖଣ୍ଡରେ ସୁସ୍ଥହାର ୯୧%

**ଖୋର୍ଦ୍ଧା ଅଫିସ, ୨୩।୬**

ଖୋର୍ଦ୍ଧା ଉପଖଣ୍ଡରେ କରୋନା ସ୍ଥିତି ନିୟନ୍ତ୍ରଣ ରହିଛି। ବୁଧବାର ୫୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୯୧ଜଣ ସୁସ୍ଥ ହୋଇଛନ୍ତି। ଏହି ଉପଖଣ୍ଡରେ ମୋଟ ୨,୫୩,୦୧୬ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୧୫,୫୨୫ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୪,୯୦୯ଜଣ ସୁସ୍ଥ ହୋଇଛନ୍ତି। ୫୦ଜଣଙ୍କ ମୃତ୍ୟୁ ଘଟିଛି। ୫୬୬ ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଦ୍ୱିତୀୟ ଲହରରେ ୬,୫୪୩ଜଣ ଆକ୍ରାନ୍ତ ହୋଇଥିବା ବେଳେ ୫,୮୭୭ଜଣ ସୁସ୍ଥ ହୋଇଛନ୍ତି। ୯ଜଣଙ୍କ ମୃତ୍ୟୁ ହୋଇଛି। ସୁସ୍ଥହାର ୯୧.୨୧ ପ୍ରତିଶତ ରହିଥିବା ନେଇ ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ୍ କରି ଜଣାଇଛନ୍ତି।

## ଓଡ଼ିଆ ସଂସ୍କୃତି ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢ଼ିବ

**ଖୋର୍ଦ୍ଧା ଅଫିସ, ୨୩।୬**

ଏଣିକି ଛାତ୍ରୀଛାତ୍ରମାନେ ପଢ଼ିବେ ବନ୍ଦେ ଉତ୍କଳ ଜନନୀ। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ୯ମ ଓ ୧୦ଶ୍ରେଣୀ ସିଲାବସ୍‌ରେ ବନ୍ଦେ ଉତ୍କଳ ଜନନୀକୁ ସ୍ଥାନ ଦେଇଛନ୍ତି। ଏନେଇ ବିଭିନ୍ନ ମହଲରେ ଉତ୍ସାହ ଦେଖିବାକୁ ମିଳିଛି। ସ୍କୁଲ ପାଠ୍ୟକ୍ରମରେ ବନ୍ଦେ ଉତ୍କଳ ଜନନୀ ଗାନ ସ୍ଥାନ ପାଇଲେ ପିଲାମାନେ ଓଡ଼ିଶା ବିଷୟରେ ଜାଣିବେ। ଓଡ଼ିଆ ଚାଲିଚଳଣ, ସଂସ୍କୃତି, ପରମ୍ପରା ସମ୍ପର୍କରେ ଅଧିକ ଜାଣିବାର ସୁଯୋଗ ପାଇବେ ବୋଲି ମତପ୍ରକାଶ ପାଇଛି। ଏହା ଦ୍ୱାରା ପିଲାଙ୍କ ମଧ୍ୟରେ ଓଡ଼ିଆ ପ୍ରୀତିଭାବ ଜାଗ୍ରତ ହେବା ସହ ଓଡ଼ିଆ ଭାଷା ପ୍ରତି ମଧ୍ୟ ଆଗ୍ରହ ବଢ଼ିବ। ଓଡ଼ିଆ ଭାଷାର ପ୍ରାଧାନ୍ୟ ବୃଦ୍ଧି ପାଇବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ବଢ଼ିବ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ବର୍ଗରେ ସ୍ୱାଗତ କରାଯାଇଛି।

## ଉପଜିଲାପାଳଙ୍କ ତଦନ୍ତ ଆରମ୍ଭ



ଉପଜିଲାପାଳ ଅଭିଯୋଗକାରୀଙ୍କ ସହ ଆଲୋଚନା କରୁଛନ୍ତି।

### ଘର ଆଗରେ କୋଠଘର ନିର୍ମାଣ ଘଟଣା

**ନିରାକାରପୁର, ୨୩।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ଜଜପୁର ଗାଁର କାମଦେବ ରାଉତରାୟଙ୍କ ଘର ଆଗରେ କେତେଜଣ ଗ୍ରାମବାସୀଙ୍କ ପକ୍ଷରୁ ଏକ କୋଠଘର ନିର୍ମାଣ କାରାଯାଇଥିଲା। ଏନେଇ କାମଦେବ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ ନ୍ୟାୟ ମିଳି ନ ଥିଲା। ଫଳରେ କାମଦେବ ଓ ତାଙ୍କ ସ୍ତ୍ରୀ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଆତ୍ମାହୁତି ଦେବା ପାଇଁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଅଧିକାରୀମାନେ ସେମାନଙ୍କୁ ଧରିବା ସହ ଆଇନ ଅନୁଯାୟୀ ନ୍ୟାୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଘରକୁ ଫେରିଥିଲେ। ବୁଧବାର ଉପଜିଲାପାଳ ଅଶୋକ କୁମାର ବେହୁରିଆ, ଟାଙ୍ଗୀ ଅତିରିକ୍ତ ତହସିଲଦାର ଶରତ ଦେହୁରୀଙ୍କ ସମେତ ନିରାକାରପୁର ଓ ଟାଙ୍ଗୀ ରାଜସ୍ୱ ନିରୀକ୍ଷକ କାମଦେବଙ୍କ ଘରେ ପହଞ୍ଚି ଅଭିଯୋଗକାରୀ ଓ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଗୁରୁବାର ଜାଗା ମାପଚୁପ କରାଯିବ।

## କଟକଣାରେ ଅନନ୍ତ ପୁରୁଷୋତ୍ତମଙ୍କ ସ୍ନାନଯାତ୍ରା

**ଖୋର୍ଦ୍ଧା ଅଫିସ, ୨୩।୬**



ଖୋର୍ଦ୍ଧା ଜାଗୁଲାଇପାଟଣାସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମଙ୍କ ସ୍ନାନଯାତ୍ରା ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କୋଭିଡ୍ କଟକଣା ମଧ୍ୟରେ ଚତୁର୍ଦ୍ଧା ବିଗ୍ରହଙ୍କ ଦେବସ୍ନାନ ନୀତି ସମ୍ପନ୍ନ କରାଯିବ ବୋଲି ମନ୍ଦିର ପୂଜକ ବାବାଜୀ କମଳକାନ୍ତ ଦାସ ମହାରାଜ କହିଛନ୍ତି। ଗୁରୁବାର ଦ୍ୱାରଫିଟା, ମଙ୍ଗଳଆଳତି, ମଇଲମ, ତଡ଼ପଲାଗି, ଅବକାଶ, ରୋଷହୋମ, ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ନୀତି ସମ୍ପନ୍ନ କରାଯିବ। ପରେ ମହାପ୍ରଭୁ ସ୍ନାନବେଦୀକୁ ବିଜେ କରିବେ। ଚତୁର୍ଦ୍ଧା ବିଗ୍ରହଙ୍କ ସ୍ନାନ ନୀତି ସମ୍ପନ୍ନ କରାଯିବ। ମଙ୍ଗଳ ଆଳତି, ନୈବେଦ୍ୟ ସମର୍ପଣ ପରେ ଅଣସର ଗୃହକୁ ଠାକୁର ବିଜେ କରିବେ। ସେଠାରେ ମହାପ୍ରଭୁଙ୍କ ୧୪ଦିନ ଧରି ଅଣସର ଗୁପ୍ତନୀତି କରାଯିବ। ଶ୍ରୀଅଙ୍ଗରେ ଗୁପ୍ତ ସେବା ନୀତି କରାଯିବ। ଅଣସର ସମୟରେ ମହାପ୍ରଭୁଙ୍କ ଅଣସର ପଟି ପୂଜା ପାଇବେ। ବିଧି ଅନୁଯାୟୀ ଜୁଲାଇ ୪ରେ ମହାପ୍ରଭୁଙ୍କ ଚକାବିଜେ ନୀତି, ୫ରେ ଖଳିଲାଗି ଏକାଦଶୀ, ୮ରେ ବନକଲାଗି, ୯ରେ ନେତ୍ର ଉତ୍ସବ ଓ ନବଯୌବନ ଦର୍ଶନ ଏବଂ ୧୨ ଗୁଣ୍ଡିଚା ଯାତ୍ରାରେ କେବଳ ବିଧି ପାଳନ କରାଯିବ। ଚଳିତବର୍ଷ ମଧ୍ୟ ବିନା ଭକ୍ତରେ ମହାପ୍ରଭୁଙ୍କ ଦେବସ୍ନାନ ଯାତ୍ରା ଅନୁଷ୍ଠିତ ହେବ। ସ୍ୱଳ୍ପ ସଂଖ୍ୟକ ମନ୍ଦିର ସେବାୟତ ଓ ପରିଚାଳନା କମିଟି ଉପସ୍ଥିତିରେ ନୀତି ସମ୍ପନ୍ନ କରାଯିବ ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

## ତ୍ୱରିତ ସେବା ପ୍ରଦାନକୁ ଗୁରୁତ୍ୱ

**ଟାଙ୍ଗୀ(ଖୋର୍ଦ୍ଧା), ୨୩।୬(ଡି.ଏନ୍.ଏ.)**

ଟାଙ୍ଗୀରେ ନୂତନ ତହସିଲଦାର ଭାବେ ବୁଧବାର ସ୍ମୃତିରଞ୍ଜନ ମିଶ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଜନସାଧାରଣଙ୍କୁ ତ୍ୱରିତ ସେବା ଦେବାକୁ ପ୍ରାଧାନ୍ୟ ଦେବେ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଦୀର୍ଘ ଦିନ ଧରି ଏହି ପଦବୀ ଖାଲି ପଡ଼ିଥିଲା। ବିଭିନ୍ନ ସରକାରୀ କାର୍ଯ୍ୟରେ ବାଧା ଉପୁଜିବା ସହ ନିର୍ଦ୍ଧାରିତ ସମୟରେ ଶେଷ ହେଉ ନ ଥିଲା। ଫଳରେ ଜନସାଧାରଣ ହଇରାଣ ହେଉଥିଲେ। ଆର.ଉଦୟଗିରିରୁ ମିଶ୍ର ବଦଳି ହେବା ପରେ ଏଠାରେ ଯୋଗଦେଇଛନ୍ତି।

# ପ୍ରେମ ମାନିଲାନି ପାରିବାରିକ ବିରୋଧ

## ଥାନାରେ ହେଲା ପ୍ରେମୀ ଯୁଗଳଙ୍କ ବାହାଘର

**ଭୁବନେଶ୍ୱର, ୨୩।୬(ବ୍ୟୁରୋ)**

କଥାରେ ଅଛି, ପ୍ରେମ ପାଖରେ ଧନ ସମ୍ପତ୍ତି ତୁଚ୍ଛ ହୋଇଥିବାବେଳେ ବାଧାବିଘ୍ନ ବି ହାର୍ ମାନିଯାଏ। ବୁଧବାର ରାଜଧାନୀରେ ଘଟିଥିବା ଏକ ଘଟଣାରୁ ଏହା ପୁଣିଥରେ ପ୍ରମାଣିତ ହୋଇଛି। ଘରୁ ଲୁଚି ପଳାଇଆସିଥିବା ପ୍ରେମୀଯୁଗଳ ପରିବାରର ବିରୋଧ ସତ୍ତ୍ୱେ ଶେଷରେ ଶହୀଦନଗର ଥାନାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଆଇନ ଅନୁଯାୟୀ ଉଭୟଙ୍କ ସହମତି କ୍ରମେ ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ ଏହି ବାହାଘର କରାଇଛନ୍ତି।

ସୂଚନା ଅନୁଯାୟୀ, ଜଟଣୀ ଥାନା ଅଧୀନ କାଇମାଟିଆ ଜଗସରା ଅଞ୍ଚଳର ସୁରେନ୍ଦ୍ର ନାୟକ (୨୧) ଓ ବାଲିଅନ୍ତା ଭୁବନପୁରର ଶତରୂପା ଜେନା (୧୯)ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଦୀର୍ଘ ୪ବର୍ଷର ସମ୍ପର୍କ ଓ ଅନେକ ବାଧାବିଘ୍ନ ପରେ ଉଭୟ ପରସ୍ପରର ଜୀବନସାଥୀ ହେବାକୁ ନିଷ୍ପତ୍ତି ନେଇଥିଲେ। ସୁରେନ୍ଦ୍ରଙ୍କୁ ବାହା ହେବାକୁ ଚାହୁଁଥିବା କଥା ଶତରୂପା ନିଜ ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ସୁରେନ୍ଦ୍ର ମଧ୍ୟବିତ୍ତ ପରିବାରର ହୋଇଥିବାରୁ ଏହି ବିବାହ ପ୍ରସ୍ତାବରେ ଶତରୂପାଙ୍କ ଘରଲୋକେ ରାଜି ହୋଇ ନ ଥିଲେ। ଏଥିସହ ସୁରେନ୍ଦ୍ରଙ୍କ ସହ ମିଳାମିଶାକୁ ମଧ୍ୟ ବିରୋଧ କରିଥିଲେ। ଫଳରେ ଏହି ପ୍ରେମୀଯୁଗଳ ଘରୁ ଲୁଚି ପଳାଇବାକୁ ନିଷ୍ପତ୍ତି ନେଇଥିଲେ। ସୋମବାର ଦୁହେଁ ଘରୁ ଲୁଚି ଖୋର୍ଦ୍ଧା ପଳାଇଥିଲେ। ସେଠାରେ ବିବାହ ପାଇଁ ମନ୍ଦିର ଖୋଜିଥିଲେ। ତେବେ ଲକ୍‌ଡ଼ାଉନ୍ ଯୋଗୁ ମନ୍ଦିର ସବୁ ବନ୍ଦ ଥିଲା। ଫଳରେ ସେମାନେ ଖଣ୍ଡଗିରିସ୍ଥିତ 'ଆମ୍‌ଫୋଇ' କାର୍ଯ୍ୟାଳୟକୁ ଆସିଥିଲେ। ତେବେ ଏହି ସମୟ ମଧ୍ୟରେ ଶତରୂପା ନିଖୋଜ ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ଶହୀଦନଗର ଥାନା ପୋଲିସ ଶତରୂପାଙ୍କ ଫୋନ୍ ଟ୍ରାକିଂ କରି ସେଠାରେ ପହଞ୍ଚିଥିଲା। ଉଭୟଙ୍କୁ ଧରି ଥାନାକୁ ଆଣିଥିଲା। ଉଭୟେ ପରସ୍ପରକୁ ଭଲ ପାଉଥିବା ଓ ସ୍ୱଇଚ୍ଛାରେ ବିବାହ କରିବାକୁ ଚାହୁଁଥିବା କହିଥିଲେ। ଆଇନତଃ ଦୁହେଁ ବିବାହ କରିପାରିବେ ବୋଲି ପୋଲିସ ଜାଣିବା ପରେ ନୋଟାରୀ ଡାକି ବାହାଘର କରାଇ ସେମାନଙ୍କ ପରିବାର ଲୋକଙ୍କ ଜିମା ଦେଇଥିଲା।

# ସ୍ନାନଯାତ୍ରାରେ ରାତି ପହଣ୍ଡି ନିଷ୍ପତ୍ତି ନୀତି ବିରୋଧୀ

**ଖୋର୍ଦ୍ଧା ଅଫିସ, ୨୩।୬**

ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଗୁରୁବାର ଅନୁଷ୍ଠିତ ହେବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ମଧ୍ୟ କରୋନା ଭକ୍ତ ଏବଂ ଠାକୁରଙ୍କ ମଧ୍ୟରେ ବାଧକ ସାଜିଛି। ବିନା ଭକ୍ତରେ ଆୟୋଜିତ ହେବ ଚତୁର୍ଦ୍ଧା ବିଗ୍ରହଙ୍କ ସ୍ନାନଯାତ୍ରା। ଛତିଶା ନିଯୋଗ ବୈଠକରେ ହୋଇଥିବା ନିଷ୍ପତ୍ତି ପ୍ରକାରେ ସ୍ନାନଯାତ୍ରା ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ୩୫ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ସହ ଏକାଧିକ ଅଫିସରଙ୍କୁ ନିୟୋଜିତ କରାଯାଇଛି। ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ଜାରି କରାଯାଇଛି। ଶ୍ରୀମନ୍ଦିର ଏବଂ ବଡଦାଣ୍ଡକୁ ସଂଯୋଗ କରୁଥିବା ସମସ୍ତ ସାହି ଗଳିକୁ ସିଲ୍ କରାଯାଇଛି। ସବୁଠି ପୋଲିସ ପକ୍ଷରୁ ବ୍ୟାରିକେଡ ଓ ବ୍ଲକିଂ ହୋଇଛି। ଦେବସ୍ନାନ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ରାତି ପହଣ୍ଡି ଏବଂ ସାହି ଗଳି କନ୍ଦିରେ ନାକାବନ୍ଦୀ ଭଳି ପୋଲିସର ମାତ୍ରାଧିକ କାର୍ଯ୍ୟକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ପହଣ୍ଡି କରାଯିବା ନୀତି ବିରୋଧୀ ବୋଲି ଭକ୍ତଙ୍କ ମହଲରେ ପ୍ରକାଶ ପାଇଛି। ସ୍ନାନଯାତ୍ରା ନୀତିନିର୍ଘଣ୍ଟକୁ ନେଇ ମୁକ୍ତିମଣ୍ଡପ ସଭା, ଜଗନ୍ନାଥ ସଂସ୍କୃତି ଗବେଷକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଭକ୍ତମାନେ ଏହାର ବିରୋଧ କରିଛନ୍ତି। ଏନେଇ ଏକ ସ୍ୱତନ୍ତ୍ର ରିପୋର୍ଟ।



"ଶ୍ରୀମନ୍ଦିର ସମସ୍ତ ନୀତିକାନ୍ତି, ଶାସ୍ତ୍ରୀୟ ବିଧି ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କ ପହଡ଼ ପରେ ଶୟନରୁ ଉଠାଇ ବିଳମ୍ବିତ ରାତିରେ ପହଣ୍ଡି ଲାଗି ପ୍ରସ୍ତୁତି କରିବା ଏହା ଶାସ୍ତ୍ରୀୟ ବିଧି ନୁହଁ। ଶ୍ରୀମନ୍ଦିର ପରମ୍ପରାର ବ୍ୟତିକ୍ରମ ବୋଲି କୁହାଯିବ। ବିନା ଭକ୍ତରେ ସ୍ନାନଯାତ୍ରା ହେବ। ପ୍ରାତଃରେ ମହାପ୍ରଭୁଙ୍କ ପହଣ୍ଡି କରାଯାଇପାରିଥାନ୍ତା। କରୋନା ଆଳରେ ନୀତିରେ ପରିବର୍ତ୍ତନ କରିବା ଠିକ୍ ନୁହଁ। ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇବ।

**–ଡ.ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ**



"କୋଭିଡ୍ ସଂକ୍ରମଣ ଦ୍ୱାହି ଦେଇ କୌଣସି ପରିସ୍ଥିତିରେ ମହାପ୍ରଭୁଙ୍କ ନୀତି ପରମ୍ପରାକୁ ପରିବର୍ତ୍ତନ କରାଯାଇପାରିବ ନାହିଁ। ମହାପ୍ରଭୁଙ୍କ ସମସ୍ତ ନୀତି କେଉଁ ସମୟରେ କରାଯିବ, ତାହା ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି। କୋଭିଡ୍ ଆଳ ଦେଖାଇ ନିଜ ଇଚ୍ଛାନୁସାରେ ନୀତିରେ ପରିବର୍ତ୍ତନ କରିବା ଗ୍ରହଣୀୟ ନୁହଁ। ଏହାକୁ ଭକ୍ତ ସମାଜ କ୍ଷମା କରିବେ ନାହିଁ।

**–ପ୍ରଫୁଲ୍ଲ ରଥ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ**



"କିଛି ବର୍ଷ ହେବ ମହାପ୍ରଭୁଙ୍କ ରୀତିନୀତି ପରମ୍ପରା ପ୍ରଶାସନ ଓ ଶ୍ରୀମନ୍ଦିର ପରିଚାଳନା କମିଟିର ମନମୁଖୀରେ ଚାଲିଛି। ପେଟପାଟଣା ପାଇଁ ସେବାୟତ ଚୁପ, ସାଧୁସନ୍ଥ ମଧ୍ୟ ନୀରବ। କାହାକୁ ଖୁସି କରିବା ଲାଗି ମହାପ୍ରଭୁଙ୍କ ରୀତିନୀତିରେ ପରିବର୍ତ୍ତନ କରାଯାଇପାରିବ ନାହିଁ। ଆଗାମୀ ଦିନରେ ଜନଅସନ୍ତୋଷ ବୃଦ୍ଧି ପାଇବ।

**–ସତ୍ୟ ନାରାୟଣ ଦାଶ, ସହ ସମ୍ପାଦକ ବିଶ୍ୱହିନ୍ଦୁ ପରିଷଦ, ପୂର୍ବ ପ୍ରାନ୍ତ**



"ଦେବସ୍ନାନ ପୂର୍ଣ୍ଣମୀରେ ମହାପ୍ରଭୁଙ୍କୁ ଶୟନରୁ ଉଠାଇ ବିଳମ୍ବିତ ରାତିରେ ପହଣ୍ଡି କରିବା କାର୍ଯ୍ୟ ଗ୍ରହଣୀୟ ନୁହଁ। ଏହା ଶାସ୍ତ୍ରୀୟ ବିଧି ନୁହଁ। ନୀତି ନିର୍ଘଣ୍ଟ ପୂର୍ବରୁ ମୁକ୍ତିମଣ୍ଡପ ସଭାର ପରାମର୍ଶ ନିଆଯାଇନାହିଁ। ମହାପ୍ରଭୁଙ୍କ ସେବା ପରମ୍ପରା ସହିତ ଭକ୍ତଙ୍କ ଭାବବେଗ ଜଡ଼ିତ ରହିଛି। ଏହା ଦ୍ୱାରା ଭକ୍ତଙ୍କ ମନରେ ଆବେଗ ସୃଷ୍ଟି ହେବ। କରୋନା ଆଳରେ ଏଭଳି କାର୍ଯ୍ୟ ଗ୍ରହଣୀୟ ନୁହଁ।

**–ପଣ୍ଡିତ ଚିତ୍ରାନନ୍ଦ ମିଶ୍ର, ମୁକ୍ତିମଣ୍ଡପ ବିଧାନ କମିଟି ସଦସ୍ୟ**



"କୋଭିଡ୍ ଆଳ ଦେଖାଇ ମହାପ୍ରଭୁଙ୍କ କୌଣସି ବିଧିକୁ ପରିବର୍ତ୍ତନ କରାଯାଇପାରିବ ନାହିଁ। ଏଥିଲାଗି ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜ ଏବଂ ମୁକ୍ତିମଣ୍ଡପ ସଭାର ପରାମର୍ଶର ଆବଶ୍ୟକ ରହିଛି। ଦେବସ୍ନାନ ପୂର୍ଣ୍ଣମୀ ନୀତି ନିର୍ଘଣ୍ଟରେ ପରାମର୍ଶ ନିଆଯାଇନାହିଁ। ପରାମର୍ଶ ମାଗିଥିଲେ ଠିକ୍ ମାର୍ଗଦର୍ଶନ କରାଯାଇଥାନ୍ତା। ମୁକ୍ତିମଣ୍ଡପକୁ ଶ୍ରୀମନ୍ଦିର ପ୍ରଶାସନ ହେୟଜ୍ଞାନ କରୁଛନ୍ତି।

**–ପଣ୍ଡିତ ବିଶ୍ୱନାଥ ମିଶ୍ର, ମୁକ୍ତିମଣ୍ଡପ କାର୍ଯ୍ୟକାରୀ ସଭାପତି**



"ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ପ୍ରକାରେ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି। ସମସ୍ତ ତିଥି, ଲଗ୍ନ, ନକ୍ଷତ୍ରକୁ ଦେଖି ନିର୍ଘଣ୍ଟ ସ୍ଥିର କରାଯାଇଛି। କୌଣସି ବ୍ୟତିକ୍ରମ କରାଯାଇନାହିଁ। ଦେବସ୍ନାନ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତଙ୍କ ମଙ୍ଗଳମୟ ହେବ। ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତି ପରମ୍ପରା ଲାଗି ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ପଞ୍ଜିକା ପ୍ରସ୍ତୁତ କରିବା ଉଚିତ।

**–ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ଛତିଶା ନିଯୋଗ ନାୟକ**



"କୋଭିଡ ଗାଇଡଲାଇନ ଅନୁଯାୟୀ ମହାପ୍ରଭୁଙ୍କ ସ୍ନାନଯାତ୍ରା ଆୟୋଜିତ ହେବ। ମନ୍ଦିର ଚାରିପଟେ ୧୪୪ଧାରା ଜାରି କରାଯାଇଛି। ବଡଦାଣ୍ଡକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାଘାଟକୁ ବନ୍ଦ କରାଯାଇଛି। ପୁରୀବାସୀ କୋଭିଡ ନିୟମ ପ୍ରକାରେ ଘରୁ ବାହାରୁନାହାନ୍ତି। ୩୫ ପ୍ଲାଟୁନ ଫୋର୍ସର କଣ ଆବଶ୍ୟକ ରହିଛି। ଯେପରି ଶ୍ରୀକ୍ଷେତ୍ରକୁ କୌଣସି ବଡ ବିପତି ମାଡି ଆସିଛି। ସେପରି ଅନୁଭବ ହେଉଛି।

**–ଦେବୀ ପ୍ରସାଦ ନନ୍ଦ, ସମ୍ପାଦକ ଓଡ଼ିଶା ଐତିହ୍ୟ ପରିଷଦ**



"ଶ୍ରୀମନ୍ଦିରରେ ନୀତିକାନ୍ତିରେ କୌଣସି ନୀତିନିୟମ ପାଳନ କରାଯାଉନାହିଁ। ମହାପ୍ରଭୁଙ୍କ ନିର୍ଦ୍ଦିଷ୍ଟ ପରମ୍ପରା ରହିଛି। ଦେବସ୍ନାନ ପୂର୍ଣ୍ଣମୀ ବିନା ଭକ୍ତରେ ଆୟୋଜିତ ହେବ। ପୁରୀବାସୀ ସବୁ ସମୟରେ ପ୍ରଶାସନକୁ ସହଯୋଗ କରି ଆସୁଛନ୍ତି। ଲକଡାଉନ ପାଇଁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଛି। କୋଭିଡ୍ ଆଳରେ ପୁରୀବାସୀଙ୍କୁ ଗୃହବନ୍ଦୀ କରାଯାଇଛି। ଏହା କେତେ ଦୂର ଯୁକ୍ତିଯୁକ୍ତ।

**–ସୂର୍ଯ୍ୟ ନାରାୟଣ ରଥ, ଆବାହକ, ଶ୍ରୀଜଗନ୍ନାଥ ଭକ୍ତ ପରିଷଦ**

**ମନ୍ତ୍ରୀଙ୍କ ଦ୍ୱାରା କଲେଜ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ**

ଅସ୍ତରଙ୍ଗ,(ଡି.ଏନ୍.ଏ.)- ଅସ୍ତରଙ୍ଗ କଲେଜ ଓ ମହାତ୍ମାଗାନ୍ଧୀ କଲେଜର ଏକ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ପୃଥକ ଭାବେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ଆନୁଷ୍ଠାନିକ ଭାବେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ସ୍ୱାଧୀନ କୁମାର ନାୟକ, ବିଡିଓ ଡ. ମିତା ମଞ୍ଜରୀ ନାୟକ, ଜିଲା ପରିଷଦ ସଭ୍ୟ ପଞ୍ଚାନନ ସ୍ୱାଇଁ ଓ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। କୋଭିଡ କଟକଣା ଅନୁଯାୟୀ ଏହି କାର୍ଯ୍ୟ ଶେଷ କରାଯାଇଥିଲା। ଦୁଇଟି ପ୍ରକଳ୍ପ ବ୍ଲକ ମାଧ୍ୟମରେ ଟେଣ୍ଡର କରାଯାଇଥିଲା। ନିର୍ଦ୍ଧାରିତ ସମୟ ପୂର୍ବରୁ ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ନିର୍ମାଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଅସ୍ତରଙ୍ଗ କଲେଜ ଅଧକ୍ଷା କୁନିଲତା ରାଉତ ଓ ମହାତ୍ମା ଗାନ୍ଧୀ କଲେଜ ଅଧକ୍ଷ ନିରୋଦ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ।






୨୩।୦୬।୨୦୨୧
୧୧୫୮ ଟଙ୍କା

# ଲକ୍‌ଡାଉନରେ ଜମୁଛି ଜୁଆଖେଳ

- ପୋଲିସରୁ ବର୍ତ୍ତିବା ପାଇଁ ଜଗୁଛନ୍ତି ୨ ଯୁବକ
- ଅପରାଧୀ ବ୍ୟକ୍ତି ଚଲାଉଛନ୍ତି ଖେଳ

**ପୁରୀ ଅଫିସ,୨୩।୬:**

କରୋନା ସମୟରେ ଗାଇଡ୍‌ଲାଇନ ମାନିବା, ଏକାଠି ମେଳ ନ ହେବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ସରକାର କହୁଥିବାବେଳେ ପୁରୀ ଗ୍ରାମାଞ୍ଚଳରେ ମାତ୍ର ଏସବୁ କେହି ମାନୁ ନ ଥିବା ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳର ପ୍ରତିଟି ଜାଗାରେ ଲୋକମାନେ ଏକାଠି ରୁଣ୍ଡ ହୋଇ ଜୁଆ ଖେଳୁଛନ୍ତି। ପୁରୀ ସଦରର କଣ୍ଟପୁର ଓ ଖଡ଼ିପଦାର ବିଭିନ୍ନ ସ୍ଥାନରେ କଟକଣା ଉଲ୍ଲଂଘନ କରି ଖୋଲାଖୋଲି ଭାବେ ଜୁଆଖେଳ ହେଉଛି। ଲକଡାଉନ୍ ଆରମ୍ଭରୁ ଏହି ଜୁଆ ଖେଳ ଚାଲିଥିବା ବେଳେ ପୁରୀ ସଦର ପୋଲିସ ଏପର୍ଯ୍ୟନ୍ତ ଖବର ପାଇପାରୁନାହିଁ। ଏପରିକି ସହରର ଅନେକ ଦାମୀ ଲୋକେ ଜୁଆ ଖେଳରେ ଭାଗ ନେଉଥିବା ବେଳେ ସେମାନେ ପ୍ରତ୍ୟକ୍ଷ ଭାବେ ନ ଯାଇ ନିଜ ପ୍ରତିନିଧିଙ୍କୁ ପଠାଇ ଜୁଆ ଖେଳୁଛନ୍ତି। ଦୈନିକ ଲକ୍ଷ ଲକ୍ଷ ଟଙ୍କାର ବେପାର ହେଉଥିବା ବେଳେ ପୋଲିସର ଏହାର ସୁରାକ ପାଇପାରୁନାହିଁ। ତଳଜଙ୍ଗର ଜଣେ ବ୍ୟକ୍ତି କଣ୍ଟପୁର ଗ୍ରାମର ଶେଷ ଭାଗରେ ଥିବା ଝାଉଁ ଜଙ୍ଗଲ ମଧ୍ୟରେ ଜୁଆଖେଳର ଆସର ବସାଉଛନ୍ତି। ଦିନ ୨ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜୁଆ ଖେଳ ହେଉଛି। ଗୋଟିପାଲିରେ ଖେଳ ହେଉଥିବା ବେଳେ ୬ଜଣ ଗୋଟି ପକାଉଛନ୍ତି। ଦିନରୁ ଫୋନ୍ କରି ସ୍ଲଟ୍ ବୁକ୍ କରିଥିବା ଲୋକେ ଜୁଆ ଖେଳୁଛନ୍ତି। ପୋଲିସରୁ ବର୍ତ୍ତିବା ପାଇଁ ମଙ୍ଗଳାଘାଟ ଛକରେ ୨/୩ ଯୁବକ ପଇଁତରା ମାରୁଛନ୍ତି। ଜୁଆ ଖେଳିବାକୁ ଥିବା ଲୋକଙ୍କୁ ଅଧାରାସ୍ତାରେ ଯାନବାହନକୁ ରୋକାଯାଇ ଉକ୍ତ ଯୁବକମାନେ ଅଟୋ ଯୋଗେ ଜୁଆଆଡ୍ଡାକୁ ନେଉଛନ୍ତି। ଏ ନେଇ ପୋଲିସ ଜାଣି ଆସିବା ପୂର୍ବରୁ ଜୁଆ ଖେଳାଳିଙ୍କ ପାଖରେ ଖବର ପହଞ୍ଚିଯାଉଛି। ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି, ଦୀର୍ଘ ୨ ମାସ ଧରି ଜୁଆ ଖେଳ ଚାଲିଛି। ସିଟି ରୋଡ୍‌ରେ ମଧ ଏହି ବେପାର ଆରମ୍ଭ ହେଲାଣି। ଏପରିକି ହତ୍ୟାକାଣ୍ଡରେ ସମ୍ପୃକ୍ତ ବ୍ୟକ୍ତିମାନେ ମଧ୍ୟ ଜୁଆଖେଳକୁ ଚଳାଉଛନ୍ତି। ଏ ନେଇ ସଦର ଥାନା ଆଇଆଇସି ସୁମତୀ ମହାନ୍ତି କହିଛନ୍ତି, ଜୁଆ ଖେଳ ହେଉଥିବା ନେଇ ଏଯାଏ କୌଣସି ଅଭିଯୋଗ କିମ୍ବା ସୂଚନା ମିଳିନି। ସୂଚନା ମିଳିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପଟେ କଣ୍ଟପୁର ଗ୍ରାମକୁ ବିଗତ ଦିନରେ ପୋଲିସ ଭ୍ୟାନ ଯାଇଥିଲେ ମଧ ଜୁଆ ଆଡ୍ଡା ଧରିପାରୁ ନାହିଁ ବୋଲି କଣ୍ଟପୁରର ବାସିନ୍ଦା କହିଛନ୍ତି। ଲକଡାଉନ୍ ବେଳେ ସହର ପାଖରେ ଖୋଲାଖୋଲି ଭାବେ ଏଭଳି ବେଆଇନ କାର୍ଯ୍ୟକଳାପ ଚାଲିଥିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ଏଥିପ୍ରତି ସାଧାରଣ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ତୁରନ୍ତ ଜୁଆ ଆଡ୍ଡା ଉପରେ ପୋଲସ ଚଢ଼ାଉ କରୁ ବୋଲି ଦାବି ହେଉଛି।


ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ ସାହୁ ସ୍ନାନଯାତ୍ରା ଉପଲକ୍ଷେ ସ୍ୟାଣ୍ଡ ଆନିମେଶନରେ ହାତୀବେଶ ପ୍ରଦର୍ଶନ କରିଛନ୍ତି ।

## ସ୍ୟାଣ୍ଡ ଆନିମେଶନରେ ମହାପ୍ରଭୁଙ୍କ ହାତୀବେଶ

**ପୁରୀ ଅଫିସ,୨୩।୬**

ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଆନ୍ତର୍ଜାତିକ ବାଲୁକାଶିଳ୍ପୀ ମାନସ କୁମାର ସାହୁ ବାଲୁକା ଆନିମେଶନ ମାଧ୍ୟମରେ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ସମ୍ପର୍କିତ ୨ ମିନିଟ ୫୦ ସେକେଣ୍ଡର ଏକ ଫିଲ୍ମ ପ୍ରସ୍ତୁତ କରିଛନ୍ତି। ସେ ଏହି ବାଲୁକା ଆନିମେଶନରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ମା' ସୁଭଦ୍ରାଙ୍କ ପହଣ୍ଡି ବିଜେଠାରୁ ଆରମ୍ଭ କରି ସ୍ନାନବେଦିରେ ସ୍ନାନ କରିବାର ଦୃଶ୍ୟ ଦେଖାଇବା ସହ ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ଛେରାପହଁରାର ନୀତି ଦର୍ଶାଇଛନ୍ତି। ଏଥିସହ ମହାପ୍ରଭୁଙ୍କର ଦୁର୍ଲଭ ହାତୀ ବେଶର ଦୃଶ୍ୟ ଭକ୍ତମାନଙ୍କ ପାଇଁ ପ୍ରସ୍ତୁତ କରିଛନ୍ତି। ଏହି ବାଲୁକା ଆନିମେଶନ ଫିଲ୍ମକୁ ନିର୍ମାଣ କରିବା ପାଇଁ ମାନସଙ୍କୁ ୭ ଘଣ୍ଟା ସମୟ ଲାଗିଥିଲା।

## ବଟି ମାଗି ଜଣେ ଗିରଫ

**ପୁରୀ ଅଫିସ,୨୩।୬**

ବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ଦଉତୋଟା ଜଗନ୍ନାଥ ଲେନ୍‌ର ଭୁବନ ଦାଶ ଓରଫ ବୁବୁ। ପୋଲିସ ଏ ନେଇ କେସ ନଂ ୧୬୫/୨୧ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ସଦର ଥାନା ଅନ୍ତର୍ଗତ ଖଡ଼ିପଦାର ମନୋଜ କୁମାର ସୁବୁଦ୍ଧି ଜଗନ୍ନାଥ ବଲ୍ଲଭ ନିକଟରେ ଫଳ ବ୍ୟବସାୟ କରନ୍ତି। ତେବେ କିଛିଦିନ ହେବ ଭୁବନ ତାଙ୍କୁ ପ୍ରତ୍ୟେକ ଦିନ ୨୦୦ ଟଙ୍କା ବଟି ମାଗିଆସୁଥିଲା। ଗତ ୨୦ ତାରିଖରେ ମଧ ଅଭିଯୁକ୍ତ ମନୋଜଙ୍କୁ ବଟି ମାଗିଥିଲେ। ବଟି ଦେବାକୁ ମନା କରିବାରୁ ଅଭିଯୁକ୍ତ ମନୋଜ ଏବଂ ତାଙ୍କ ପୁଅକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏ ନେଇ ମନୋଜ ଟାଉନ ଥାନାର ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି ।

**ରଥଖଳାରୁ**

## ତିନି ରଥରେ ତୃତୀୟ ଭୂଇଁ ଲାଗିଲା



**ପୁରୀ ଅଫିସ ୨୩।୬**

ତିନିରଥର ଦ୍ୱିତୀୟ ଭୂଇଁରେ ସମ୍ପୂର୍ଣ୍ଣ କାର୍ଯ୍ୟ ସରି ବୁଧବାର ତୃତୀୟ ଭୂଇଁ ଚାରି କାଠ ଉପରେ ପୋଟଳ ଖମ୍ବୀ ଏବଂ ପୋଟଳ ଓରା ଉଠି ତିନି ରଥରେ ତୃତୀୟ ଭୂଇଁ ସେଟିଂ କାର୍ଯ୍ୟ ଶେଷ ହୋଇଛି । ତିନିରଥର ଗୋଟିଏ ଲେଖାଏ ଆଗିଆଣି ଡମକ ଲାଗିଛି । ତିନି ରଥର ଗୋଟିଏ ଲେଖାଏ କନକ ମୁଣ୍ଡି ନିର୍ମାଣ ଶେଷ ହୋଇଛି । ତିନିରଥର ରୂପକାର ସେବକ ନାଟ ଗୋଡ଼ରେ ରାହୁରୂପ ଖୋଦେଇ ଚାଲୁ ରଖିଛନ୍ତି । ତାଳଧ୍ୱଜ ରଥର ଚାର ପରିଚ୍ଛାରେ ଡାଳି ଲତା ଖୋଦେଇ ସମ୍ପୂର୍ଣ୍ଣ ହୋଇ ରଥରେ ଫିଟିଂ କରାଯାଇଛି । ତିନିରଥର ଓଝା ବା କମାର ସେବକମାନେ ଦୋଳବେଦିସ୍ଥିତ ଅସ୍ଥାୟୀ କମାର ଶାଳରେ ତିନି ରଥ ପାଇଁ ଭୂଇଁ କଣ୍ଟା, ଛିଆନ କଣ୍ଟା, ପଟଳ କଣ୍ଟା ପଟଳ ବତା କଣ୍ଟା ଏବଂ ତୃତୀୟ ଭୂଇଁ ଓରା କଣ୍ଟା ଯୋଗାଇଲା ପରେ ଏଲ , ଇଉ ,ଚାନ୍ଦି , ସ୍କୋକ କ୍ଲାମ୍ପ ,ଏଙ୍ଗିଲ କ୍ଲାମ୍ପ ନିର୍ମାଣ କରୁଛନ୍ତି । ବୁଧବାର ତିନିରଥ ନିର୍ମାଣରେ ୧୯୮ଜଣ ରଥ ନିର୍ମାଣ କାରି ସେବକ ଏବଂ କାରିଗର ନିୟୋଜିତ ଥିଲେ । ସେଥିମଧ୍ୟରୁ ମହାରଣା ସେବକ ୭ ଜଣ, ଭୋଇ ସେବକ ୭୬, କରତି ସେବକ ୫, ଓଝା ସେବକ ୧୬, ରୂପକାର ସେବକ ୧୯, ପାହି ମହାରଣା ଜଣେ, ତୁମ୍ଭ ବିନ୍ଧ କାରିଗର ୨ ଏବଂ ଜଣେ ରଥ ଖଳା ସହାୟକ ନିୟୋଜିତ ଥିଲେ ।

## ୩୨ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

**ପୁରୀ ଅଫିସ/ଗୋପ,୨୩।୬(ଡି.ଏନ୍.ଏ.)**

**ଗାଡ଼ିରୁ ଡେଇଁ ଜଣେ ଫେରାର**

ଗୋପ ବ୍ଲକ ଅଞ୍ଚଳରେ କରୋନା କଟକଣା ସମୟରେ ଜୋରସୋରରେ ବ୍ରାଉନସୁଗାର ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏହି ପରିପ୍ରେକ୍ଷୀରେ ବୁଧବାର ପୁରୀ ଅବକାରୀ ବିଭାଗ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶରେ କୋଣାର୍କ ଅବକାରୀ ବିଭାଗ ଅଧିକାରୀ ଲକ୍ଷ୍ମୀଧର ପ୍ରଧାନ ଗୋପ ବଜାର ଛକରେ ଚଢ଼ାଉ କରି ୩୨ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ଏରବଙ୍ଗ ଗ୍ରାମର ଦୀପକ ରଞ୍ଜନ ଦାସ। ଜବତ ବ୍ରାଉନସୁଗାରର ମୂଲ୍ୟ ୩ଲକ୍ଷ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏ ନେଇ ପୋଲିସ ମାମଲା (ନଂ. ୧୪/୨୧) ରୁଜୁ କରିଛି। ସୂଚନା ଅନୁଯାୟୀ, କିଛି ଦିନ ହେବ ଗୋପ ଥାନା ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି ଅଧିକ ମାତ୍ରାରେ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା। ତେବେ ବୁଧବାର ଅବକାରୀ ବିଭାଗ ଗୋପ ଅଞ୍ଚଳରେ ଚଢ଼ାଉ କରି ପ୍ରଥମେ ଜଣେ ବ୍ରାଉନସୁଗାର ବେପାର କରୁଥିବା ଯୁବକଙ୍କୁ ଧରି ନେଉଥିଲେ। ହେଲେ ହଠାତ ସେ ଗାଡ଼ିରୁ ଡେଇଁ ଫେରାର ହୋଇଯାଇଥିଲା। ପରେ ଗୋପ ବଜାର ଛକ ନିକଟରେ ଦୀପକ ଓ ଜଣେ ମହିଳା କାର୍‌ରେ ଆସି ବ୍ରାଉନସୁଗାର ଦେବା ପାଇଁ ଥିବାବେଳେ ଅବକାରୀ ବିଭାଗ ଓ କୋଣାର୍କ ଥାନା ପୋଲିସ ଦୀପକଙ୍କୁ ଧରିଥିଲେ। ଏହି ସମୟରେ ଘଟଣା ସ୍ଥଳରୁ କାର୍ ସହିତ ମହିଳା ଜଣକ ଫେରାର ହୋଇ ଯାଇଥିଲେ।


ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ସୋଲ କାରିଗରମାନେ ହାତୀବେଶ ପ୍ରସ୍ତୁତ କରୁଛନ୍ତି ।

**ସଂକ୍ଷେପରେ**

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

କୋଣାର୍କ,୨୩।୬(ଡି.ଏନ୍.ଏ.)- କୋଣାର୍କ ଥାନା ଅଧୀନ ରାଣୀହାଟ ସାହିରେ ରହୁଥିବା ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତା ହେଲେ କଟକ ଜିଲା ଆଠଗଡ଼ ନରସିଂହପୁର ଅଞ୍ଚଳର ମଧୁସ୍ମିତା ସାହୁ(୩୦)। ଏ ନେଇ ଥାନାରେ ମାମଲା ନଂ. ୯/୨୧ରେ ରୁଜୁ କରି ତଦନ୍ତ ଜାରି ରହିଥିବା କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ମଧୁସ୍ମିତା ୨୦୧୮ରୁ ଇଣ୍ଡିଆନ ଅଏଲ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ବ୍ୟାଖାନ କେନ୍ଦ୍ରରେ ସୁରକ୍ଷା କର୍ମୀ ଭାବେ ନିୟୋଜିତ ଥିଲେ। ସେ ରାଣୀହାଟ ସାହିରେ ଭଡ଼ାଘରେ ଏକା ରହୁଥିଲେ। ତାଙ୍କର ୮ ବର୍ଷର ଝିଅକୁ ମାମୁଘରେ ଛାଡ଼ି ମହିଳାଜଣକ ସ୍ୱାମୀ ପରିତ୍ୟକ୍ତା ଥିଲେ ବୋଲି ଜଣାପଡିଛି। ସମ୍ପୃକ୍ତ ମହିଳା ମଙ୍ଗଳବାର ଅପରାହ୍ନ ୫ଟାରେ କାର୍ଯ୍ୟରୁ ଫେରି ନିଜ ଗୃହକୁ ଆସିଥିଲେ। ବୁଧବାର ସେ ବାହାରି ନ ଥିଲେ। ଅନ୍ୟ ଭଡାଟିଆମାନେ ଝରକା ପଟେ ଦେଖିବାବେଳେ ମହିଳା ଜଣକ ଶାଢ଼ିରେ ଝୁଲୁ ଥିଲେ। ଖବରପାଇ କୋଣାର୍କ ଥାନାଧିକାରୀ ମଲ୍ଲିକ ସଦଳବଳ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ସୁସାଇଡ୍ ନୋଟ ଜବତ କରିଛି। ପରେ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି। ପରେ କୋଣାର୍କ ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ପରିଡ଼ା ଓ ପୁରୀରୁ ଏକ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରିଛନ୍ତି। ଖବରପାଇ ମହିଳାଙ୍କ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

## ନେପାଳୀ ନାଗରିକଙ୍କୁ ଟିକାକରଣ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩।୬(ବ୍ୟୁରୋ)- ଓଡ଼ିଶାରେ ରହି କାର୍ଯ୍ୟ କରୁଥିବା ନେପାଳୀ ନାଗରିକଙ୍କୁ ଟିକାକରଣ କରାଯିବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ବୁଧବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟରେ ଶ୍ରମିକ ବା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ନେପାଳୀ ନାଗରିକଙ୍କୁ ଟିକା ଦେବା ବ୍ୟବସ୍ଥା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେହେତୁ କୋୱିନ ପୋର୍ଟାଲରେ ପଞ୍ଜୀକରଣ ନିମନ୍ତେ ସେମାନଙ୍କ ପାଖରେ କୌଣସି ପରିଚୟପତ୍ର ନ ଥାଇପାରେ, ତେଣୁ ବିନା ପରିଚୟପତ୍ରରେ ସେମାନଙ୍କୁ ଟିକା ଦେବା ନେଇ କେନ୍ଦ୍ର ସରକାର ଯେଉଁ ଏସ୍‌ଓପି ଜାରି କରିଛନ୍ତି, ସେହି ଆଧାରରେ ଟିକାକରଣ କରିବା ଲାଗି ଅତିରିକ୍ତ ମୁଖ୍ୟ ଶାସନ ସଚିବ ମହାପାତ୍ର କହିଛନ୍ତି।

## କାକଟପୁର ଡାକ୍ତରଖାନାକୁ ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦାବି

**କାକଟପୁର,୨୩।୬(ଡି.ଏନ୍.ଏ.)**

କାକଟପୁରରେ ୧୯୨୨ମସିହାରେ ସ୍ଥାପନ ହୋଇଥିବା ଡାକ୍ତରଖାନା ଆଉ କିଛି ଦିନ ପରେ ଶହେ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଏହାକୁ ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ଦାବି ହେଉଛି। ଅସ୍ତରଙ୍ଗ-କାକଟପୁର ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଡାକ୍ତରଖାନାଟିକୁ ପ୍ରତ୍ୟହ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସନ୍ତି। ଯଦିଓ ଏହି ବ୍ଲକ ଅଧୀନରେ ବାଙ୍ଗୁରୀଗାଁରେ ଉପାନ୍ତ ଅଞ୍ଚଳବାସୀଙ୍କ ପାଇଁ ନେତୃବୃନ୍ଦମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି କରାଇଥିଲେ ତାହା ସାମୂହିକ ଭାବେ କାକଟପୁର ବ୍ଲକବାସୀଙ୍କ କାର୍ଯ୍ୟରେ ଆସୁନାହିଁ। କାରଣ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥିତି, ଗମନାଗମନର ଅସୁବିଧା, ସେଠାରେ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ନ ରହିବା ସାଙ୍ଗକୁ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଯୋଗୁ ଲୋକେ ଯାଉନାହାନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟିକୁ ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରି ଉନ୍ନତ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ସହ ଭେଷଜ, ପ୍ରସୂତି ବିଶେଷଜ୍ଞ, ଶିଶୁ ବିଶେଷଜ୍ଞ ଓ ସମସ୍ତ ଡାକ୍ତରୀ ପଦବୀ ପୂରଣ ପାଇଁ ଏ ଅଞ୍ଚଳର ବୁଦ୍ଧିଜୀବି, ଶିକ୍ଷାବିତ୍ ସମାଜସେବୀ,ବରିଷ୍ଠ ନାଗରିକ ମଞ୍ଚ, କାକଟପୁର ବିକାଶ ମଞ୍ଚ ଦାବି କରୁଛନ୍ତି। ଯଦି ସରକାର ଏଥିପ୍ରତି କର୍ଣ୍ଣପାତ ନ କରିବେ ତେବେ ଆଗାମୀ ଦିନରେ ଏହା ଜନ ଆନ୍ଦୋଳନରେ ପରିଣତ ହେବ ବୋଲି ଆଲୋଚିତ ହେଉଛି।

## ବ୍ରହ୍ମଗିରିର ୧୦ ସ୍କୁଲ ହେଲା ସ୍ମାର୍ଟକ୍ଲାସ୍

**ପୁରୀ ଅଫିସ,୨୩।୬:**

ଜିଲାରେ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡିବା ଲକ୍ଷ୍ୟରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଜଗତୀକରଣ ଯୁଗରେ ଶିକ୍ଷାନୁଷ୍ଠାନଗୁଡିକରେ ଉନ୍ନତ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ କୃଷ୍ଣପ୍ରସାଦ, ବ୍ରହ୍ମଗିରି ଓ ପୁରୀ ସଦର ସମେତ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟଗୁଡିକୁ ୫-ଟିରେ ସାମିଲ କରିବା ପାଇଁ ସରକାର ପ୍ରଦାନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଧନ୍ୟବାଦ ଜଣାଇଛନ୍ତି। ସେହି ହାଇସ୍କୁଲଗୁଡିକ ହେଲା କୃଷ୍ଣପ୍ରସାଦ ବ୍ଲକର ବଡଖାଡସ୍ଥିତ କମଳେଶ୍ୱର ନୋଡାଲ ବିଦ୍ୟାପୀଠ, ଓରା, ପଣସପଦାର ହରିହର ବିଦ୍ୟାପୀଠ ରହିଥିବା ବେଳେ ବ୍ରହ୍ମଗିରି ମଣପଡାର ମଦନ ମୋହନ ହାଇସ୍କୁଲ, କୁସୁବେଣ୍ଟିର ମଦନମୋହନ ବିଦ୍ୟାପୀଠ, ଭୁବନପୁରର କୃଷକ ବିଦ୍ୟାପୀଠ, ସୁନାମୁହିଁ, ରାୟବିଧାର ଗଙ୍ଗାଧର ବିଦ୍ୟାପୀଠ, ଭଣ୍ଡାରିକୁଦା, ଖଜୁରିଆର ବାଲିଙ୍କେଶ୍ୱର ନୋଡାଲ ବିଦ୍ୟାପୀଠ, ବ୍ରହ୍ମଗିରିର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ । ବ୍ରହ୍ମଗିରି ଶୈକ୍ଷିକ ବିକାଶରେ ସ୍ମାର୍ଟ କ୍ଲାସ ରୁମ୍‌ର ଆବଶ୍ୟକତା ଥିବା ବେଳେ ଏହି ଯୋଜନା ଛାତ୍ରୀଛାତ୍ରଙ୍କୁ ନୂତନ ପ୍ରଯୁକ୍ତି ବିଦ୍ୟା ସହ ଯୋଡିବାରେ ସହାୟକ ହେବ। ଏହି ଅବସରରେ ସେ କହିଛନ୍ତି , ପ୍ରାଥମିକ ପର୍ଯ୍ୟାୟରେ ବ୍ରହ୍ମଗିରିର ଏହି ୧୦ଟି ସ୍କୁଲକୁ ଚିହ୍ନଟ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଯୋଜନା ଅନ୍ୟ ସ୍କୁଲ କ୍ଷେତ୍ରରେ ମଧ ଲାଗୁ ହେବ।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

**କାକଟପୁର,୨୩।୬(ଡି.ଏନ୍.ଏ.)**

କାକଟପୁର ବ୍ଲକ ୬ନଂ ଲତାହରଣ ମଣ୍ଡଳ ସଭାପତି ସରୋଜ କୁମାର ମିଶ୍ରଙ୍କ ସଭାପତିତ୍ୱରେ ରାଷ୍ଟ୍ରଭକ୍ତ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଓଳଙ୍ଗର ତ୍ରିନାଥ ଠାକୁରଙ୍କ ପ୍ରାଙ୍ଗଣରେ ପାଳିତ ହୋଇଛି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଜନସଂଘର ଦିଆଯାଇଥିବା ସ୍ଲୋଗାନ ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ, ନେହିଁ ଚଲେଗା ନାରା କୁ ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀ କଶ୍ମୀର ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ କରିଥିବା ଉପରେ ସଭାପତି ମିଶ୍ର ବକ୍ତବ୍ୟ ରଖିଥିଲେ। ସର୍ବପ୍ରଥମେ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦେଶାତ୍ମବୋଧକ ସଂଗୀତ ଗାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜନ୍ମେଜୟ ଲେଙ୍କା, ରିଙ୍କୁ ସାହୁ, ଅଜୁ ସ୍ୱାଇଁ, ହରିହର ଦାସ, ଗୁଲୁ ଦାସଙ୍କ ସମେତ ସଂଖ୍ୟାଧିକ ସମର୍ଥକ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## କାଗଜରେ ମହାପ୍ରଭୁଙ୍କ ଗଜବେଶ

**ପୁରୀ ଅଫିସ, ୨୩।୬**

ଦଉତୋଟା ଜଗନ୍ନାଥ ଲେନର ଯୁବଶିଳ୍ପୀ ସୂର୍ଯ୍ୟକାନ୍ତ ଦାସ ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ଏକ ହାତୀବେଶ ମୂର୍ତ୍ତି କାଗଜରେ ନିର୍ମାଣ କରିଛନ୍ତି। ଏହି ମୂର୍ତ୍ତିଟିର ଉଚ୍ଚତା ୧୯ ଇଞ୍ଚ ଥିବାବେଳେ ମୋଟେଇ ୯ ଇଞ୍ଚ ରହିଛି। ମହାପ୍ରଭୁଙ୍କ ପ୍ରତିକୃତି ନିର୍ମାଣରେ ୪ଦିସ୍ତା କାଗଜ, ମଇଦା ଅଠା, ରଙ୍ଗ ବ୍ୟବହାର ହୋଇଥିବା ଯୁବଶିଳ୍ପୀ ଦାସ ସୂଚନା ଦେଇଛନ୍ତି। ସେହିପରି ବିଭିନ୍ନ ଅଦରକାରୀ କାଗଜରେ ମହାପ୍ରଭୁଙ୍କ ଅବିକଳ ଗଜବେଶ ପ୍ରସ୍ତୁତି କରିଛନ୍ତି ମାର୍କେଣ୍ଡେଶ୍ୱର ସାହିର ବିଶ୍ୱରୂପା ପଟ୍ଟନାୟକ।



ଶିଳ୍ପୀ ବିଶ୍ୱରୂପା ପଟ୍ଟନାୟକ ଓ ସୂର୍ଯ୍ୟକାନ୍ତ ଦାସଙ୍କ ଦ୍ୱାରା କାଗଜରେ ପ୍ରସ୍ତୁତ ହାତୀବେଶ ।

# ସ୍ନାନଯାତ୍ରାରେ ରାତି ପହଣ୍ଡି ନିଷ୍ପତ୍ତି ନୀତି ବିରୋଧୀ

**ଖୋର୍ଦ୍ଧା ଅଫିସ,୨୩।୬**

ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଗୁରୁବାର ଅନୁଷ୍ଠିତ ହେବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ, ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ମଧ କରୋନା ଭକ୍ତ ଏବଂ ଠାକୁରଙ୍କ ମଧ୍ୟରେ ବାଧକ ସାଜିଛି। ବିନା ଭକ୍ତରେ ଆୟୋଜିତ ହେବ ଚତୁର୍ଦ୍ଧା ବିଗ୍ରହଙ୍କ ସ୍ନାନଯାତ୍ରା। ଛତିଶା ନିଯୋଗ ବୈଠକରେ ହୋଇଥିବା ନିଷ୍ପତ୍ତି ପ୍ରକାରେ ସ୍ନାନଯାତ୍ରା ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ୩୫ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ସହ ଏକାଧିକ ଅଫିସରଙ୍କୁ ନିୟୋଜିତ କରାଯାଇଛି। ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୧୪୪ ଧାରା ଜାରି କରାଯାଇଛି। ଶ୍ରୀମନ୍ଦିର ଏବଂ ବଡଦାଣ୍ଡକୁ ସଂଯୋଗ କରୁଥିବା ସମସ୍ତ ସାହି ଗଳିକୁ ସିଲ୍ କରାଯାଇଛି। ସବୁଠି ପୋଲିସ ପକ୍ଷରୁ ବ୍ୟାରିକେଡ ଓ ବ୍ଲକିଂ ହୋଇଛି। ଦେବସ୍ନାନ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ରାତି ପହଣ୍ଡି ଏବଂ ସାହି ଗଳି କନ୍ଦିରେ ନାକାବନ୍ଦୀ ଭଳି ପୋଲିସର ମାତ୍ରାଧିକ କାର୍ଯ୍ୟକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ପହଣ୍ଡି କରାଯିବା ନୀତି ବିରୋଧୀ ବୋଲି ଭକ୍ତଙ୍କ ମହଲରେ ପ୍ରକାଶ ପାଇଛି। ସ୍ନାନଯାତ୍ରା ନୀତିନିର୍ଘଣ୍ଟକୁ ନେଇ ମୁକ୍ତିମଣ୍ଡପ ସଭା, ଜଗନ୍ନାଥ ସଂସ୍କୃତି ଗବେଷକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଭକ୍ତମାନେ ଏହାର ବିରୋଧ କରିଛନ୍ତି। ଏ ନେଇ ଏକ ସ୍ୱତନ୍ତ୍ର ରିପୋର୍ଟ।


"ଶ୍ରୀମନ୍ଦିର ସମସ୍ତ ନୀତିକାନ୍ତି, ଶାସ୍ତ୍ରୀୟ ବିଧି ପରାମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କ ପହଡ଼ ପରେ ଶୟନରୁ ଉଠାଇ ବିଳମ୍ବିତ ରାତିରେ ପହଣ୍ଡି ଲାଗି ପ୍ରସ୍ତୁତି କରିବା ଏହା ଶାସ୍ତ୍ରୀୟ ବିଧି ନୁହଁ। ଶ୍ରୀମନ୍ଦିର ପରମ୍ପରାର ବ୍ୟତିକ୍ରମ ବୋଲି କୁହାଯିବ। ବିନା ଭକ୍ତରେ ସ୍ନାନଯାତ୍ରା ହେବ। ପ୍ରାତଃରେ ମହାପ୍ରଭୁଙ୍କ ପହଣ୍ଡି କରାଯାଇପାରିଥାନ୍ତା। କରୋନା ଆଳରେ ନୀତିରେ ପରିବର୍ତ୍ତନ କରିବା ଠିକ୍ ନୁହଁ। ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇବ।

**-ଡ.ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ**


"କୋଭିଡ୍ ସଂକ୍ରମଣ ଦ୍ୱାହି ଦେଇ କୌଣସି ପରିସ୍ଥିତିରେ ମହାପ୍ରଭୁଙ୍କ ନୀତି ପରାମ୍ପରାକୁ ପରିବର୍ତ୍ତନ କରାଯାଇପାରିବ ନାହିଁ। ମହାପ୍ରଭୁଙ୍କ ସମସ୍ତ ନୀତି କେଉଁ ସମୟରେ କରାଯିବ, ତାହା ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି। କୋଭିଡ୍ ଆଳ ଦେଖାଇ ନିଜ ଇଚ୍ଛାନୁସାରେ ନୀତିରେ ପରିବର୍ତ୍ତନ କରିବା ଗ୍ରହଣୀୟ ନୁହଁ। ଏହାକୁ ଭକ୍ତ ସମାଜ କ୍ଷମା କରିବେ ନାହିଁ।

**-ପ୍ରଫୁଲ୍ଲ ରଥ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ**


"କିଛି ବର୍ଷ ହେବ ମହାପ୍ରଭୁଙ୍କ ରୀତିନୀତି ପରମ୍ପରା ପ୍ରଶାସନ ଓ ଶ୍ରୀମନ୍ଦିର ପରିଚାଳନା କମିଟର ମନମୁଖୀରେ ଚାଲିଛି। ପେଟପାଟଣା ପାଇଁ ସେବାୟତ ଚୁପ, ସାଧୁସନ୍ଥ ମଧ ନୀରବ। କାହାକୁ ଖୁସି କରିବା ଲାଗି ମହାପ୍ରଭୁଙ୍କ ରୀତିନୀତିରେ ପରିବର୍ତ୍ତନ କରାଯାଇପାରିବ ନାହିଁ। ଆଗାମୀ ଦିନରେ ଜନଅସନ୍ତୋଷ ବୃଦ୍ଧି ପାଇବ।

**-ସତ୍ୟ ନାରାୟଣ ଦାଶ, ସହ ସମ୍ପାଦକ ବିଶ୍ୱହିନ୍ଦୁ ପରିଷଦ, ପୂର୍ବ ପ୍ରାନ୍ତ**


"ଦେବସ୍ନାନ ପୂର୍ଣ୍ଣମୀରେ ମହାପ୍ରଭୁଙ୍କୁ ଶୟନରୁ ଉଠାଇ ବିଳମ୍ବିତ ରାତିରେ ପହଣ୍ଡି କରିବା କାର୍ଯ୍ୟ ଗ୍ରହଣୀୟ ନୁହଁ। ଏହା ଶାସ୍ତ୍ରୀୟ ବିଧି ନୁହଁ। ନୀତି ନିର୍ଘଣ୍ଟ ପୂର୍ବରୁ ମୁକ୍ତିମଣ୍ଡପ ସଭାର ପରାମର୍ଶ ନିଆଯାଇନାହିଁ। ମହାପ୍ରଭୁଙ୍କ ସେବା ପରାମ୍ପରା ସହିତ ଭକ୍ତଙ୍କ ଭାବବେଗ ଜଡ଼ିତ ରହିଛି। ଏହା ଦ୍ୱାରା ଭକ୍ତଙ୍କ ମନରେ ଆବେଗ ସୃଷ୍ଟି ହେବ। କରୋନା ଆଳରେ ଏଭଳି କାର୍ଯ୍ୟ ଗ୍ରହଣୀୟ ନୁହଁ।

**-ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର, ମୁକ୍ତିମଣ୍ଡପ ବିଧାନ କମିଟି ସଦସ୍ୟ**

"କୋଭିଡ୍ ଆଳ ଦେଖାଇ ମହାପ୍ରଭୁଙ୍କ କୌଣସି ବିଧିକୁ ପରିବର୍ତ୍ତନ କରାଯାଇପାରିବ ନାହିଁ। ଏଥିଲାଗି ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜ ଏବଂ ମୁକ୍ତିମଣ୍ଡପ ସଭାର ପରାମର୍ଶର ଆବଶ୍ୟକ ରହିଛି। ଦେବସ୍ନାନ ପୂର୍ଣ୍ଣମୀ ନୀତି ନିର୍ଘଣ୍ଟରେ ପରାମର୍ଶ ନିଆଯାଇନାହିଁ। ପରାମର୍ଶ ମାଗିଥିଲେ ଠିକ୍ ମାର୍ଗଦର୍ଶନ କରାଯାଇଥାନ୍ତା। ମୁକ୍ତିମଣ୍ଡପକୁ ଶ୍ରୀମନ୍ଦିର ପ୍ରଶାସନ ହେୟଜ୍ଞାନ କରୁଛନ୍ତି।



**-ପଣ୍ଡିତ ବିଶ୍ୱନାଥ ମିଶ୍ର, ମୁକ୍ତିମଣ୍ଡପ କାର୍ଯ୍ୟକାରୀ ସଭାପତି**


"ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ପ୍ରକାରେ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି। ସମସ୍ତ ତିଥି, ଲଗ୍ନ, ନକ୍ଷତ୍ରକୁ ଦେଖି ନିର୍ଘଣ୍ଟ ସ୍ଥିର କରାଯାଇଛି। କୌଣସି ବ୍ୟତିକ୍ରମ କରାଯାଇନାହିଁ। ଦେବସ୍ନାନ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ଆର୍ଶୀବାଦରୁ ସମସ୍ତଙ୍କ ମଙ୍ଗଳମୟ ହେବ। ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତି ପରମ୍ପରା ଲାଗି ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ପଞ୍ଜିକା ପ୍ରସ୍ତୁତ କରିବା ଉଚିତ।

**-ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଛତିଶା ନିଯୋଗ ନାୟକ**

"କୋଭିଡ ଗାଇଡଲାଇନ ଅନୁଯାୟୀ ମହାପ୍ରଭୁଙ୍କ ସ୍ନାନଯାତ୍ରା ଆୟୋଜିତ ହେବ। ମନ୍ଦିର ଚାରିପଟେ ୧୪୪ଧାରା ଜାରି କରାଯାଇଛି। ବଡଦାଣ୍ଡକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାଘାଟକୁ ବନ୍ଦ କରାଯାଇଛି। ପୁରୀବାସୀ କୋଭିଡ ନିୟମ ପ୍ରକାରେ ଘରୁ ବାହାରୁନାହାନ୍ତି। ୩୫ ପ୍ଲାଟୁନ ଫୋର୍ସର କଣ ଆବଶ୍ୟକ ରହିଛି। ଯେପରି ଶ୍ରୀକ୍ଷେତ୍ରକୁ କୌଣସି ବଡ ବିପତି ମାଡି ଆସିଛି। ସେପରି ଅନୁଭବ ହେଉଛି।



**-ଦେବୀ ପ୍ରସାଦ ନନ୍ଦ, ସମ୍ପାଦକ ଓଡ଼ିଶା ଐତିହ୍ୟ ପରିଷଦ**


"ଶ୍ରୀମନ୍ଦିରରେ ନୀତିକାନ୍ତିରେ କୌଣସି ନୀତିନିୟମ ପାଳନ କରାଯାଉନାହିଁ। ମହାପ୍ରଭୁଙ୍କ ନିର୍ଦ୍ଦିଷ୍ଟ ପରମ୍ପରା ରହିଛି। ଦେବସ୍ନାନ ପୂର୍ଣ୍ଣମୀ ବିନା ଭକ୍ତରେ ଆୟୋଜିତ ହେବ। ପୁରୀବାସୀ ସବୁ ସମୟରେ ପ୍ରଶାସନକୁ ସହଯୋଗ କରି ଆସୁଛନ୍ତି। ଲକଡାଉନ ପାଇଁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଛି। କୋଭିଡ୍ ଆଳରେ ପୁରୀବାସୀଙ୍କୁ ଗୃହବନ୍ଦୀ କରାଯାଇଛି। ଏହା କେତେ ଦୂର ଯୁକ୍ତିଯୁକ୍ତ।

**-ସୂର୍ଯ୍ୟ ନାରାୟଣ ରଥ, ଆବାହକ, ଶ୍ରୀଜଗନ୍ନାଥ ଭକ୍ତ ପରିଷଦ**